# ସ୍ୱର୍ଗତ ହର ପ୍ରସାଦ ନନ୍ଦଙ୍କ ସ୍ମୃତିରେ ଛାତ୍ର ସମ୍ବର୍ଦ୍ଧିତ

ଦେବଗଡ଼: ସ୍ଥାନୀୟ ଚିନ୍ମୟ ବିଦ୍ୟାଳୟର ପ୍ରଥମ ସଭାପତି ତଥା ଶିକ୍ଷକ ହରପ୍ରସାଦ ନନ୍ଦଙ୍କ ଚତୁର୍ଥ ଶ୍ରାଦ୍ଧ ଦିବସ ଅବସରରେ ଶ୍ରେଷ୍ଠ ଛାତ୍ରଙ୍କୁ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଉଦେଶ୍ୟରେ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଛି । ଏହି ଅବସରରେ ସୁନାମୁଣ୍ଡା ସ୍ଥିତ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଅଧକ୍ଷା ଅନିତା ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା ପରିଷଦ ଅଧକ୍ଷ କୌଶିକ କୁମାର ପ୍ରଧାନ ଓ ପୌର ପରିଷଦ ଭାରପାପ୍ତ ଅଧକ୍ଷ ପ୍ରଜିତ କୁମାର ଭୋଜ ଅତିଥି ଭାବେ ଯୋଗ ଦେଇ ସ୍ୱାମୀ ଚିନ୍ମୟା ନନ୍ଦ ସରସ୍ୱତୀ ଏବଂ ହର ପ୍ରସାଦ ନନ୍ଦଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ରେ ପରିଚାଳନା କମିଟିର ସଦସ୍ୟ ଅଶୋକ ଦେବ, ଗୋପବନ୍ଧୁ ପ୍ରଧାନ, ଜଗବନ୍ଧୁ ଶତପଥୀ, ଜୟନ୍ତ କୁମାର ସାହୁ, ହରେକୃଷ୍ଣ ସାହୁ, ଅଜିତ ମୋଦୀ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ପ୍ରତିଷ୍ଠା ରେ ସ୍ୱର୍ଗତ ନନ୍ଦଙ୍କ ଅବଦାନ ଉପରେ ଆଲୋକପାତ କରିବା ସହ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଚିନ୍ମୟ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ପୀୟୁଷ ପାରଭାର ସାହୁଙ୍କୁ ମାନପତ୍ର ସହିତ ଅର୍ଥ ରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା । ବିଦ୍ୟାଳୟ ର ଛାତ୍ରୀ ଶ୍ରଦ୍ଧା ପ୍ରଧାନ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ ।



ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 25 | 22 - 28 June 2025 | Sambalpur | Pages- 8 | Invitation Price Rs.10

## ଅଗ୍ରୱାଲ ସମ୍ମିଳନୀର ଜାତୀୟ ମହିଳା ଅଧକ୍ଷା ହେଲେ ସୁଶିଲା ଫରମାନିଆ

ସମ୍ବଲପୁର: ବିଶିଷ୍ଟ ସମାଜସେବିକା ସୁଶୀଳା ଫରମାନିଆ ଅନ୍ତର୍ଜାତୀୟ ଅଗ୍ରୱାଲ ସମ୍ମିଳନୀର ଜାତୀୟ ମହିଳା



ଅଧକ୍ଷା ଭାବେ ମନୋନୀତ ହୋଇଛନ୍ତି । ନିକଟରେ ରାଜସ୍ଥାନର ଶ୍ରୀଶ୍ୟାମ ବାବାଙ୍କ ପବିତ୍ର ଭୂମି ଖାଟୁ ଧାମରେ ଅନୁଷ୍ଠିତ ଦୁଇଦିନିଆ ଅନ୍ତର୍ଜାତୀୟ ଅଗ୍ରୱାଲ ସମ୍ମିଳନୀରେ ଶ୍ରୀମତୀ ଫରମାନିଆଙ୍କୁ ଅଗ୍ରୱାଲ ସମ୍ମିଳନୀର ଅନ୍ତର୍ଜାତୀୟ ସଭାପତି ରାଜକୁମାର ମିତ୍ତଲ ଜାତୀୟ ମହିଳା ଅଧକ୍ଷା ଭାବେ ଘୋଷଣା କରିଥିଲେ । ଏଥିରେ ଭାରତ ଓ ବିଦେଶରୁ ୭ଶହରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ । ସୁଶୀଳା ବର୍ତ୍ତମାନ ପର୍ଯ୍ୟନ୍ତ ଜାତୀୟ ମହିଳା ସଂଯୋଜକ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ଶ୍ରୀମତୀ ଫରମାନିଆ ହେଉଛନ୍ତି କ୍ଷେତରାଜପୁରରେ ଥିବା ନ୍ୟାସନାଲ ଟ୍ରେଡିଂ କମ୍ପାନୀର ମାଲିକ ପ୍ରହ୍ଲାଦ ଫରମାନିଆଙ୍କ ଧର୍ମପତ୍ନୀ ।

## ମହନ୍ତ ଶ୍ରୀନିବାସ ଦାସଙ୍କ ପରଲୋକ

ସମ୍ବଲପୁର: ସ୍ଥାନୀୟ ମହାନ୍ତିପଡା ସ୍ଥିତ ଠାକୁରବାଡି ମଠର ମହନ୍ତ ଶ୍ରୀନିବାସ ଦାସ (୬୦)ଙ୍କ ପରଲୋକ ହୋଇଯାଇଛି ।



ଦିବ୍ୟାଙ୍ଗ ଥିବା ସ୍ୱର୍ଗତ ଶ୍ରୀନିବାସ ବାବା ଏକ ତିନି ଚକିଆ ସାଇକେଲରେ ବିଭିନ୍ନ ସ୍ଥାନକୁ ଯାଉଥିଲେ । କିନ୍ତୁ ମଠର ଦୈନନ୍ଦିନ ପୂଜାପାଠ ସହ ଭାଗବତ ସପ୍ତାହ ଭଳି କାର୍ଯ୍ୟକ୍ରମ ମାନ ସୁରୁଖୁରୁରେ ପରିଚାଳନା କରୁଥିଲେ । ଗତ ଡିସେମ୍ବର ମାସରେ ମହନ୍ତ ଅଦ୍ୱୈତ ଚରଣ ଦାସ (କଣ୍ଟାବାଞ୍ଜି ବାବା)ଙ୍କ ଦେହାବସାନ ପରେ ସ୍ୱର୍ଗତ ଶ୍ରୀନିବାସ ବାବା ମହନ୍ତ ଗାଦିରେ ଆସୀନ ହୋଇଥିଲେ । ସେ ସମ୍ବଲପୁର ଠାକୁରବାଡ଼ି ମଠ ସମେତ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ଶ୍ରୀ ରାଧାମାଧବ ମନ୍ଦିର ଓ କଟକ ଜିଲ୍ଲା ଚାନ୍ଦପୁର ମଠର ଦାୟିତ୍ୱରେ ଥିଲେ ।ଅତିସରଳ ଓ ଆମାୟିକ ବ୍ୟବହାର ଲାଗି ସେ ଭକ୍ତ ମାନଙ୍କର ପ୍ରିୟ ପାତ୍ର ହୋଇ ପାରିଥିଲେ । ତାଙ୍କ ବିୟୋଗ ଖବର ଶୁଣି ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଭକ୍ତ ଠାକୁରବାଡ଼ି ମଠରେ ପହଞ୍ଚି ଶେଷ ଦର୍ଶନ କରିବା ପରେ ଭଜନ କୀର୍ତ୍ତନ ମଧ୍ୟରେ ତାଙ୍କର ପାର୍ଥିବ ଶରୀରକୁ ସମ୍ବଲପୁର ରାଜଘାଟକୁ ନିଆ ଯାଇଥିଲା । ସେଠାରେ ଚାନ୍ଦପୁର ମଠର ରାଧାଚରଣ ଦାସ ମୁଖାଗ୍ନି ଦେଇଥିଲେ ।



## ଶିଶୁ ଶ୍ରମିକ ନିରାକରଣ ସକାଶେ ସଚେତନତା ଶୋଭାଯାତ୍ରା

ଝାରସୁଗୁଡ଼ା: ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ସକାଶେ ୧୫ ଦିନ ଧରି ଜିଲ୍ଲା ବ୍ୟାପୀ ସଚେତନତା ଅଭିଯାନ ଗତ ୧୨ ତାରିଖରୁ ଆରମ୍ଭ ହୋଇଛି । ଏହା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ, ଝାରସୁଗୁଡା ପକ୍ଷରୁ ଜିଲ୍ଲା ସ୍ତର ରେ ଏହାର ଅଧିକ ପ୍ରଚାର ପ୍ରସାର ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଏକ ପଦଯାତ୍ରା ଶୁଭାରମ୍ଭ କରିଛନ୍ତି । ଶିଶୁ ଶ୍ରମିକ ନିରାକରଣ ପ୍ରତି ପ୍ରତେକ ନାଗରିକ ଦାୟିତ୍ୱବାନ ହେବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରଭାଗୀୟ ଶ୍ରମ ଆୟୁକ୍ତ ଦିବ୍ୟଜ୍ୟୋତି ନାୟକ ଓ ଜିଲ୍ଲା ଶ୍ରମ ଅଧିକାରୀ ମେରି ସୁନିତା ଲାକ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଆଶିଷ କୁମାର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପବତୀ ହେଲେନ ଖେସ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶତାଧିକ ମହିଳା ପୁରୁଷ ବିଭିନ୍ନ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କୀୟ ସଚେତନତା ବାର୍ତ୍ତା ଦେଇ ପଦଯାତ୍ରାକୁ ସଫଳ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଏନସିଏଲପି କାର୍ଯ୍ୟକ୍ରମ ପରିଚାଳକ ଜନ୍ମଜୟ ସା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ଶ୍ରମ ବିଭାଗ ର କର୍ମଚାରୀ ଭାଗ ନେଇଥିଲେ ।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଆରୋଗ୍ୟ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାର ଶୁଭାରମ୍ଭ

ସମ୍ବଲପୁର: ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମ ଓ ହଂସ ଫାଉଣ୍ଡେସନ ମିଳିତ ଆନୁକୁଲ୍ୟରେ ଆରୋଗ୍ୟ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାର ଶୁଭାରମ୍ଭ ହୋଇଛି । ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବାରେ ଜଣେ ଡକ୍ଟର, ଫାର୍ମାସିଷ୍ଟ, ଲାବ୍‌ଟେକ୍ନିସିଆନ୍, ଏ.ଏନ.ଏମ୍, ପାଥଲାବର ସୁବିଧା ସହିତ ମାଗଣାରେ ଔଷଧର ଜନ ସାଧାରଣ ପାଇପାରିବେ । ଏଥିରେ ରେଙ୍ଗାଲି ବ୍ଲକର ୬ ଗୋଟି ଗ୍ରାମ ପଞ୍ଚାୟତ ଲପଙ୍ଗା, ବୋମାଲେଇ, କତରବଗା, ଜଙ୍ଗଲା, ଘିଚାମୁରା ଓ ନିଶାନଭଙ୍ଗା ର ପ୍ରାୟ ୪୦୦୦୦ ରୁ ଉର୍ଦ୍ଧ ଜନସାଧାରଣ ଉପକୃତ ହେବେ । ଉଦ୍‌ଘାଟନୀ ଉତ୍ସବରେ ରେଙ୍ଗାଲି ବ୍ଲକର ଅଧକ୍ଷ ସତ୍ୟ ନାରାୟଣ ଅଗ୍ରୱାଲ , ଲପଙ୍ଗା । ପଞ୍ଚାୟତର ସମିତିସଭ୍ୟ କିରଣ ବେହେରା ଓ ସମସ୍ତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ । ଏଥିସହିତ ଆଦିତ୍ୟ



ଆଲୁମିନିୟମ କାରଖାନା ମୁଖ୍ୟ ଜଗନ୍ନାଥ ନାୟକ, କର୍ପୋରେଟ ସିଏସଆର୍ ମୁଖ୍ୟ ଅଭିଜିତ, ମାନବ ସମ୍ବଳ ମୁଖ୍ୟ ବିନୋଦାନନ୍ଦ ଠାକୁର, ସିପିପି ମୁଖ୍ୟ ଗୁଲସନ୍ ଡିଓ୍ୱାରୀ, ସିଏସ ଆର ଓଡ଼ିଶା କ୍ଲଷ୍ଟର ମୁଖ୍ୟ ଶିବ ପ୍ରସାଦ ମହାପାତ୍ର, ଆଦିତ୍ୟ ହେଲଥ କେୟାର ମୁଖ୍ୟ ଡକ୍ଟର ଅରିନ୍ଦମ୍ ରୟଚୌଧୁରୀ, ଇର ର ମୁଖ୍ୟ ଷ୍ଟିଫେନ୍ କିଆରାଜ୍, ଓ ହଂସ ଫାଉଣ୍ଡେସନ ର ଆଞ୍ଚଳିକ ମୁଖ୍ୟ ଶିଶୁପାଳ ମେହେଟା ଓ ସମସ୍ତ କର୍ମଚାରୀ, ସିଏସଆର୍ ସମସ୍ତ କର୍ମଚାରୀ ଓ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ରବି ନିଓ୍ୱାସ ଓ ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରା ପରିଚାଳନା ରହିଥିଲେ ।

## ଜନନେତା ପ୍ରସନ୍ନ ପଣ୍ଡାଙ୍କ ୧୦୪ତମ ଜନ୍ମଦିନ ପାଳିତ

ଝାରସୁଗୁଡ଼ା: ଲଖନପୁର ବ୍ଲକ ଅଡ଼ାପଡ଼ା ଗ୍ରାମରେ ପୂର୍ବତନ ବିଧାୟକ ଜନନେତା ପ୍ରସନ୍ନ ପଣ୍ଡାଙ୍କ ୧୦୪ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ସଦସ୍ୟ ଜୟାନନ୍ଦ ପଶାୟତଙ୍କ ସଭାପତିତ୍ୱରେ "ବଜ୍ରାଜନଗର ବିଧାନ ସଭା ଅଞ୍ଚଳର ସମସ୍ୟା" ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଶିଳ୍ପାଞ୍ଚଳରେ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ଦିଆଯାଉ ନ ଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ । ସେହିପରି ଏମସିଏଲ, ହିରାକୁଦ ବିସ୍ଥାପିତଙ୍କ ସମସ୍ୟା ସମାଧାନ ଦିଗରେ ରାଜ୍ୟସରକାର ପ୍ରାଥମିତା ଦେବାକୁ ବକ୍ତାମାନେ ମତ ବ୍ୟକ୍ତ କରିଥିଲେ । ଜଳସେଚନ, ସ୍ୱାସ୍ଥ୍ୟସେବା ଓ ଶିକ୍ଷାକ୍ଷେତ୍ରରେ ବ୍ରଜନଗର ବିଧାନସଭାରେ ପଛୁଆ ରହିଆସିଛି । ଜନନେତା ପ୍ରସନ୍ନ ପଣ୍ଡା ସରକାରଙ୍କ ସବୁବେଳେ ଆନ୍ଦୋଳନ ମାଧମରେ ଜନସମସ୍ୟା ସମ୍ପର୍କରେ ଅବଗତ କରି ଆସୁଥିଲେ । ବର୍ତ୍ତମାନ ସମୟରେ ପ୍ରସନ୍ନ ବାବୁଙ୍କ ନୀତି ଅନୁସରଣ କରି ଜନ ଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ସଂଘର୍ଷ କରିବାକୁ ଦଳର ବରିଷ୍ଠ ସଦସ୍ୟ ରମେଶ ତ୍ରିପାଠୀ ଆହ୍ୱାନ ଦେଇଥିଲେ । କୁଶାଲୋଇ ସରପଞ୍ଚ ରଘୁମଣି ପଧାନ, ଯୋଗେନ୍ଦ୍ର ମାଝୀ, ଗୌର କାଲୋ, ଫଗୁଣ ପଧାନ, ଲୋକନାଥ ପଧାନ, ଚିତ୍ରସେନ ପଶାୟତ, ସୁରେନ୍ଦ୍ର ବଗାର, ସମେତ ଶତାଧିକ ଲୋକ ଯୋଗ ଦେଇ ପ୍ରସନ୍ନ ପଣ୍ଡାଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ ।

## ଜବ ଫେୟାର କାର୍ଯ୍ୟକ୍ରମରେ ୫୦ ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

ଝାରସୁଗୁଡା: ଝାରସୁଗୁଡା ଜିଲ୍ଲାପାଳ କାର୍ଯ୍ୟାଳୟରେ ଥିବା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଜିଲ୍ଲା ସ୍ତରୀୟ ଜବ ଫେୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁପାଳନ ତଥା ଏମ ଏସ.ଏମ.ଇ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବ ରେ ଯୋଗ ଦେଇଥିବା ବେଳେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବ ରେ ଯୋଗ ଦେଇଥିଲେ । ଜିଲ୍ଲାପାଳ ଆବୋଲି ସୁନୀଲ ନରୱାଣେ କାର୍ଯ୍ୟକ୍ରମ ରେ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା




ନିଯୋଜନ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ର ୫୦ ଜଣ ଯୁବକ ଯୁବତୀ ଙ୍କୁ ଝାରସୁଗୁଡା ଜିଲ୍ଲାର ବେଦାନ୍ତ, ଇନଫିନିଟି ହ୍ୟୁଣ୍ଡାଇ ଭଳି ବହୁ କମ୍ପାନୀ ଓ ସଂସ୍ଥା ତରଫରୁ ମନ୍ତ୍ରୀ, ବିଧାୟକ ଓ ଜିଲ୍ଲାପାଳଙ୍କ ମାଧ୍ୟମରେ ନିଯୁକ୍ତି ପତ୍ର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ କମ୍ପାନୀ ମାନଙ୍କର ଅଧିକାରୀ, ସୂଚନା ଲୋକ ସମ୍ପର୍କ ବିଭାଗ ଅଧିକାରୀ ଅଜୟ ଜେନାଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ ସାମିଲ ଥିଲେ ।

## ସମ୍ବଲପୁରରେ ଅନ୍ତର୍ଜାତୀୟ ଯୋଗଦିବସ ପାଳିତ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ପ୍ରଶାସନ ର ଆନୁକୁଲ୍ୟ ରେ ଆନ୍ତର୍ଜାତୀୟ ଯୋଗ ଦିବସ ମା' ସମଲେଶ୍ୱରୀ ମନ୍ଦିର ପରିସର ଓ ରିଭର



ଫ୍ରଣ୍ଟଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ଏବଂ କୌଶଳ ବିକାଶ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ପ୍ରୋବେଶନାରୀ ଭାରତୀୟ ପ୍ରଶାସନିକ ଅଧିକାରୀ ଶୁଭ୍ରା ପଣ୍ଡା ପ୍ରମୁଖ ଙ୍କ ସମେତ ଛାତ୍ରଛାତ୍ରୀ, କ୍ରୀଡାବିତ, ଶିକ୍ଷକ, ଶିକ୍ଷୟତ୍ରୀ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଜନସାଧାରଣ ଉପସ୍ଥିତ ରହି ଯୋଗ କରିଥିଲେ ।

ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଶ୍ରୀ ନାୟକ, ଗାଁ ଠାରୁ ଆରମ୍ଭ କରି ସହର ଯାଏ, ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ଯାଏ ସମସ୍ତ ବର୍ଗ ସମସ୍ତ ବୟସ୍କ ଲୋକମାନଙ୍କୁ, ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବା ଲାଗି ଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ । କେବଳ ଗୋଟିଏ ଦିନ ନୁହେଁ, ପ୍ରତି ଦିନ ଯୋଗାଭ୍ୟାସ କଲେ ଜଣେ ବ୍ୟକ୍ତି ସୁସ୍ଥ ରହିବା ସହ ତାର ଏକାଗ୍ରତା ବୃଦ୍ଧି ପାଇବ ବୋଲି ଶ୍ରୀ ନାୟକ କହିଥିଲେ ।

କେନ୍ଦ୍ର ଶିକ୍ଷା ଏବଂ କୌଶଳ ବିକାଶ ମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମ ଫଳରେ ୨୦୧୪ ରୁ ମିଳିତ ଜାତିସଂଘ ଆନୁକୁଲ୍ୟରେ ଅନ୍ତର୍ଜାତୀୟ ସ୍ତରରେ ଯୋଗ ଦିବସ ପାଳିତ ହୋଇଆସୁଛି ବୋଲି କହିଥିଲେ । ଯୋଗ ହେଉଛି ସ୍ୱାସ୍ଥ୍ୟ ଓ ସମୃଦ୍ଧି ପାଇଁ ଏକ ସର୍ବୋତ୍ତମ ଔଷଧ । ଆଦି ଅନନ୍ତ କାଳରୁ ଏହି ପଦ୍ଧତି ଆମ ପାଇଁ ଆରମ୍ଭ ହୋଇଥିଲା । ଯେଉଁ ପଦ୍ଧତି ରେ ଦୁନିଆଁର ସବୁ ଲୋକ ପ୍ରଭାବିତ ହୋଇଥିଲେ । ଯାହାକୁ ନେଇ ଭାରତବର୍ଷ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଯୋଗ କେବଳ ଶାରୀରିକ ଅଭ୍ୟାସ ନୁହେଁ ଶାରୀରିକ, ମାନସିକ, ଆଧ୍ୟାତ୍ମିକ ଚେତନାର ବୈଜ୍ଞାନିକ ପ୍ରୟୋଗ, ଯାହା ଏକ ସୁସ୍ଥ ଜୀବନଶୈଳୀ ଗଠନ କରିବାରେ ସାହାଯ୍ୟ କରେ । ତେଣୁ ଯୋଗ କୁ ନିଜ ନୀତିଦିନ ଜୀବନର ଅଭ୍ୟାସରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ ।

## ବେଆଇନ ବଟି ଅଭିଯୋଗରେ ପୂର୍ବତନ ନଗରପାଳ ସମେତ ୫ ଗିରଫ

ଝାରସୁଗୁଡ଼ା: ବ୍ରଜରାଜନଗର ଅଞ୍ଚଳ ରେ ଥିବା ବିଭିନ୍ନ କୋଇଲା ଖଣିରୁ ବେଆଇନ ଭାବେ ୧୪୫ ଟଙ୍କା ଲେଖାଏଁ ବଟି ଅସୁଲି କରୁଥିବା ଅଭିଯୋଗରେ ପୋଲିସ ବ୍ରଜରାଜନଗରର ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲଙ୍କ ସମେତ ୫ ଜଣଙ୍କୁ ଲଖନପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫମାନଙ୍କ ମଧ୍ୟରେ ଦୁଇ ଜଣ ମୁନସି ଅଛନ୍ତି । ଅନ୍ୟ ମାନେ ହେଲେ ବ୍ରଜରାଜନଗର ର ସିଫେନ୍ ପ୍ରମାଣିକ, ବେଲପାହାଡ଼ର ସୁଜିତ୍ କେରକେଟା ଓ ଶଶୀଧର ଚଉହାନ, ବ୍ରଜରାଜନଗର ରାମଗଡ଼ ଅଞ୍ଚଳର ଅମରେନ୍ଦ୍ର ସିଂହ । କୋଇଲା ଖଣି ରେ କୋଇଲା ପରିବହନ ପାଇଁ ନିୟୋଜିତ ଟ୍ରକ୍ ଗୁଡ଼ିକ ରେ କୋଇଲା ପରିବହନ ପାଇଁ ପେ-ଲୋଡରକୁ ଏମସିଏଲ ନିୟୋଜିତ କରୁଥିଲେ ମଧ ଅଭିଯୁକ୍ତ ମାନେ ବେଆଇନ ଭାବେ ପେ ଲୋଡର ଲଗାଇ ଟ୍ରକ୍ ପିଛା ୧୪୫ ଟଙ୍କା ଲେଖାଏ ଆଦାୟ କରୁଥିବା ଚାରି ଦିନ ତଳେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇଛି ।

## ସାଇ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ପାଳିତ

ଝାରସୁଗୁଡ଼ା: ଝାରସୁଗୁଡ଼ା ସହର ର ପୁରୁଣାବସ୍ତି ର ବାବୁପଡା ଠାରେ ସାଇ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ଆଶିଷ ମହାରଣା ଏବଂ ତାଙ୍କ ପତ୍ନୀ କର୍ତ୍ତା ହୋଇଥିବା ବେଳେ ପ୍ରଭାତ ମିଶ୍ର ପୂଜାର୍ଚ୍ଚନା କରିଥିଲେ । ବିଭିନ୍ନ ଅଂଚଳରୁ ଆସିଥିବା ଭକ୍ତମାନଙ୍କ ପାଇଁ ପ୍ରସାଦର ମଧ ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଶ୍ରୀକାନ୍ତ ମହାନ୍ତି, ରବି ମିଶ୍ର, ଶୈଳେନ୍ଦ୍ର ଖଣ୍ଡା, ନିଶିକାନ୍ତ ଦାଶ, ସୀମା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ଲଖନପୁରରେ ନିର୍ମାଣ ହେବ ଆଇଟିଆଇ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ ବାଗମୁଣ୍ଡାଠାରେ ଆଇଟିଆଇ ପ୍ରତିଷ୍ଠା ପାଇଁ ଓଏମବିଏଡିସିରୁ ଅନୁଦାନ ଟଙ୍କା ଆସିଥିଲା । ହେଲେ ଏହା ନିର୍ମାଣ ପାଇଁ ତତ୍ପରତା ପ୍ରକାଶ ନ ପାଇବାରୁ ଅନୁଦାନ ରାଶି ଫେରାଇଦେବାକୁ ଡିଟିଇଟିକୁ ଓଏମବିଏଡିସି ଚିଠି କରିଥିଲା । ଏହାକୁ ନେଇ ଲଖନପୁର ବ୍ଲକ ସମେତ ଜିଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ବିଜେଡି ମଧ ଏହା ଉପରେ ବିଚାର କରିବାକୁ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଥିଲା । ହେଲେ ଇତି ମଧ୍ୟରେ ରାଜ୍ୟ ସରକାରଙ୍କ ବୈଷୟିକ ଶିକ୍ଷା ଏବଂ ତାଲିମ ବିଭାଗର ନିର୍ଦ୍ଦେଶକ ସମର୍ଥ ବର୍ମା ବାଗମୁଣ୍ଡାରେ ଆଇଟିଆଇ ତୁରନ୍ତ ସ୍ଥାପନ କରିବା ଏବଂ ଯୁବକଙ୍କ ଦକ୍ଷତା ବୃଦ୍ଧି ପାଇଁ ଓଏମବିଏଡିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି କରିଛନ୍ତି ।

# କୁମ୍ଭକର୍ଣ୍ଣ କଥା



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

ବୈକୁଣ୍ଠାଧିପତି ଭଗବାନ ବିଷ୍ଣୁଙ୍କ ଜଣେ ଦ୍ୱାରପାଳ । ନାମ ବିଜୟ । ସନକାଦିକ ମୁନିଙ୍କୁ ଅପମାନିତ କରି ଶାପଗ୍ରସ୍ତ । ସତ୍ୟରେ ହିରଣାକ୍ଷ୍ୟ, ଦ୍ୱାପରରେ ଦନ୍ତବକ୍ର ଓ ତ୍ରେତୟାରେ କୁମ୍ଭକର୍ଣ୍ଣ ଭାବେ ଜନ୍ମିତ । କୁମ୍ଭକର୍ଣ୍ଣ ରାମାୟଣ ମହାକାବ୍ୟର ଏକ ମହତ୍ତ୍ୱପୂର୍ଣ୍ଣ ପାତ୍ର । ରାକ୍ଷସରାଜ ରାବଣର କନିଷ୍ଠ ଭ୍ରାତା । ବୃହତକାୟ । ଉଚ୍ଚତା ଛଅ ଶହ ଧନୁଷ । ଶହେ ଧନୁଷ ମୋଟା । ପୃଥୁଳକାୟ । ସେକାଳରେ ମଣିଷଙ୍କ ହାରାହାରି ଉଚ୍ଚତା ଆଠ ଫୁଟ । ଅଠରରୁ କୋଡିଏ ଫୁଟ ଲମ୍ବ ହେଲେ ଏକ ଧନୁଷ । ଏହି ଅଙ୍କରେ ଗଣନା କଲେ କୁମ୍ଭକର୍ଣ୍ଣର ଉଚ୍ଚତା ୧୦,୮୦୦ ଫୁଟ ଏବଂ ସ୍ଥୁଳତା ଦୁଇ ହଜାର ଫୁଟ । ତାର ତିନି ପତ୍ନୀ । ବଜ୍ରଜ୍ୱାଳା, କର୍କଟି, ତାରିତମାଳ ଓ ଅସ୍ୱାନୀ । ପାଞ୍ଚ ପୁଅ । କୁମ୍ଭ ନିକୁମ୍ଭ, ଭୀମାସୁର, ମୂଳକାସୁର ଏବଂ ଅଶ୍ୱିନୀକୁମ୍ଭ । ଦୁଇ ବଡ଼ ଭାଇ କୁମ୍ଭ ନିକୁମ୍ଭ ବଜ୍ରବାଳା ଗର୍ଭସମ୍ଭୂତ । ବାକି ତିନି, ତିନି ପତ୍ନୀଙ୍କଠୁ ଜାତ । ପ୍ରତ୍ୟେକେ ଜଣେ ଲେଖା ପୁତ୍ରର ଜନନୀ । ହିରଣାକ୍ଷ୍ୟର ପିତା ଋଷି କଶ୍ୟପ । ମାତା ଦିତି । ହିରଣ୍ୟକଶ୍ୟପ ବଡ଼ ଭାଇ । ଏକଦା ହିରଣାକ୍ଷ୍ୟ ପୃଥିବୀ ମାତାକୁ ଚୋରି କରି ରସାତଳେ ଲୁଚାଇ ରଖିଥିଲା । ଧୀରେଧୀରେ ଧରା ଜଳମଗ୍ନ ହେବାକୁ ବସିଲା । ସମଗ୍ର ଜୀବଜଗତ ଲୋପ ପାଇବା ବସୁଥିଲେ । ଭଗବାନ ବିଷ୍ଣୁ ତୃତୀୟାବତାର ନେଲେ । ବରାହ ରୂପ ଧାରଣ କରି ଦଶ ହଜାର ବର୍ଷ ହିରଣାକ୍ଷ୍ୟ ସହିତ ଲଢେଇ କଲେ । ଦୁରାଚାରୀ ଦାନବକୁ ବଧ କରି ପୃଥିବୀ ମାତାକୁ ତା କବଳରୁ ଉଦ୍ଧରିଲେ । ନରସିଂହରୂପୀ ବିଷ୍ଣୁ ହିରଣ୍ୟକଶ୍ୟପ ରାକ୍ଷସକୁ ବଧ କରି ଭକ୍ତ ପ୍ରହଲ୍ଲାଦର ମାନ ରଖିଥିଲେ । ଦମଘୋଷ ଓ ଶ୍ରୁତଶ୍ରବାଙ୍କ ପୁତ୍ର ଦନ୍ତବକ୍ର । ଦନ୍ତବକ୍ର ଓ ଚେଦୀ ରାଜ୍ୟର ରାଜା ଶିଶୁପାଳ ସମ୍ପର୍କରେ ଭାଇ ଭାଇ । ଶିଶୁପାଳ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଥିଲା ତୀବ୍ର ତିକ୍ତତା । ସେ ବାରମ୍ବାର ପ୍ରଭୁଙ୍କୁ ଅପମାନିତ କରୁଥାଏ । ଶ୍ରୀକୃଷ୍ଣ ତାକୁ ଶହେଥର କ୍ଷମା କରିଥାନ୍ତି । ଅପିତୁ ଏକ ଶହ ଏକ ବାର ଅପମାନ ବେଳକୁ ଆଉ ନକ୍ଷମି ସୁଦର୍ଶନ ଚକ୍ରରେ ତାର ମୁଣ୍ଡ ଗଣ୍ଡି ଅଲଗା କରି ବଧ କରିଥିଲେ । ଏଥିରେ ଉତ୍ତେଜିତ ଦନ୍ତବକ୍ର ପ୍ରତିଶୋଧ ସକାଶେ ଶ୍ରୀକୃଷ୍ଣଙ୍କ ସହ ଯୁଦ୍ଧ କଲା ଓ ଶେଷରେ ପ୍ରାଣ ହାରିଲା । ମହର୍ଷି ବିଶ୍ରବା ଏବଂ ରାକ୍ଷସୀ କେକସୀର ପୁତ୍ର କୁମ୍ଭକର୍ଣ୍ଣ । ରାବଣାତିରିକ୍ତ ତାର ଆଉ ଦିଓଟି ଛୋଟ ଭାଇ ଭଉଣୀ । ବିଭୀଷଣ ଓ ସୂର୍ପଣଖା । କୁମ୍ଭକର୍ଣ୍ଣ ଓ ରାବଣ ଯୁଦ୍ଧ କ୍ଷେତ୍ରରେ ରାମଚନ୍ଦ୍ରଙ୍କ ହାତରେ ପରଗତିକୁ ପ୍ରାପ୍ତ ହୋଇଥିଲେ ।

କୁମ୍ଭକର୍ଣ୍ଣ ଥିଲା ଯୁଦ୍ଧ ନିପୁଣ । ବିରାଟ ଶରୀର । କାନ ଦୁଇଟି ଜନ୍ମରୁ କୁମ୍ଭ ସଦୃଶ । ବଡ଼ ବଡ଼ । ପାତ୍ର ଭଳି । ତେଣୁ ନାମ ପଡିଲା କୁମ୍ଭକର୍ଣ୍ଣ । ପିତାଙ୍କ ଆଦେଶାନୁସାରେ କଠିନ ତପସ୍ୟା କରି ପରମପିତା ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରିବାରେ ସମର୍ଥ ହେଲା ସିଏ । ବ୍ରହ୍ମଦେବ ସ୍ୱୟଂ ଉଭା ହେଲେ । ବର ମାଗିବାକୁ ଆଜ୍ଞା ଦେଲେ । ଇନ୍ଦ୍ରାସନ ମାଗିନେବ ଚିନ୍ତି ଭୟଭୀତ ହେଲେ ଦେବରାଜ ଓ ସମସ୍ତ ଦେବତା । ବର ମାଗିବା ବେଳେ ତା ଜିହ୍ୱାରେ ବିରାଜମାନ ହେବାକୁ ମାତା ସରସ୍ୱତୀଙ୍କୁ ଅନୁରୋଧ କଲେ । ତାହା ହିଁ ହେଲା । କୁମ୍ଭକର୍ଣ୍ଣ ଇନ୍ଦ୍ରାସନ ବଦଳରେ ମାଗିଲା ନିଦ୍ରାସନ । ସ୍ମିତ ହସି ତଥାସ୍ତୁ କଲେ ବ୍ରହ୍ମଦେବ । ଭ୍ରାତା ରାବଣର ଅନୁରୋଧ କ୍ରମେ ବରଦାନ ଅକ୍ତ କୋହଳ କରିବାକୁ ସମ୍ମତ ହେଲେ ବ୍ରହ୍ମଦେବ । ନିରନ୍ତର ଛଅ ମାସ ଶୟନ ଉପରାନ୍ତେ ମାତ୍ର ଗୋଟିଏ ଦିନର ନିଦ୍ରାଭଙ୍ଗ ହେବ ଏବଂ ନିଜର କ୍ଷୁଧା ନିବାରଣାନ୍ତେ ପୁନଃ ପରବର୍ତ୍ତୀ ଛଅମାସ ନିଦ୍ରାସନରେ ରହିବ କହିଲେ । ତାସଙ୍ଗେ ଚେତାବନୀ ଦେଲେ ଯଦି କୌଣସି କାରଣରୁ କେହି ଛଅ ମାସ ଭିତରେ କେବେ ମଧ ତାର ନିଦ୍ ଭାଙ୍ଗେ ଓ କୁମ୍ଭକର୍ଣ୍ଣ ଜାଗେ ତେବେ ତାହା ତା ଜୀବନର ଅନ୍ତିମ ଦିନ ହେବ । ସେହିଦିନଠୁ କୁମ୍ଭକର୍ଣ୍ଣ ଛଅ ମାସ ଶୁଏ ଓ ଛଅ ମାସ ଜାଗେ । କିନ୍ତୁ ଅନେକେ ଏଥିରେ ସହମତ ନୁହନ୍ତି । କୁହାଯାଏ କୁମ୍ଭକର୍ଣ୍ଣ କୁଆଡେ ବଡ଼ ବିଜ୍ଞାନ ଥିଲା । ବୈଜ୍ଞାନିକ ଶୈଳୀରେ ପରୀକ୍ଷା ନିରୀକ୍ଷା ଏବଂ ଉଦ୍ଭାବନ ଥିଲା ତାର ସଉକ । ସେଥିସକାଶେ ସିଏ ତାର ଏକ ସ୍ୱତନ୍ତ୍ର ସୃଜନ ସାମ୍ରାଜ୍ୟ ସ୍ଥାପନ କରିଥିଲା । ଯାହାକୁ ଆମେ ଆଧୁନିକ ଭାଷାରେ ପରୀକ୍ଷାଗାର ଅଥବା ଉଦ୍ଭାବନ କେନ୍ଦ୍ର କହିଥାଉ । ବୈଜ୍ଞାନିକ କୁମ୍ଭକର୍ଣ୍ଣର ରଚନା ସାମ୍ରାଜ୍ୟ କିଷ୍କିନ୍ଧ୍ୟାର ଦକ୍ଷିଣ ଦିଗରେ ଥିବା କୁହାଯାଏ । ସେ ବର୍ଷ ବର୍ଷ ଧରି ନିଜସ୍ୱ ନିର୍ମିତ ଗବେଷଣାଗାରରେ ଗବେଷଣା କରେ । ସମୁଦ୍ରପାରି ଲଙ୍କାରେ ତାକୁ ଦେଖିବାକୁ ମିଳେନି । ଏପରିକି ବିଭିନ୍ନ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ଏବଂ ପୁଷ୍ପକ ବିମାନ ତାର ଗବେଷଣାର ପରିଣାମ ବୋଲି କୁହାଯାଏ ଅନେକ ମତାନୁଯାୟୀ କୁମ୍ଭକର୍ଣ୍ଣର ଜନ୍ମ ହୋଇ ନ ଥିଲା । ମହର୍ଷି ବିଶ୍ରବା ତାକୁ ଯଜ୍ଞ କୁଣ୍ଡରୁ ଜାତ କରିଥିଲେ । ଅସୀମ ବଳ ଓ ପରାକ୍ରମ ପ୍ରଦାନ କରିଥିଲେ । ଠିକ ଅତ୍ୟାଧୁନିକ ମାନବିକ ରୋବର୍ଟ ଭଳି । ଆଦେଶାନୁଯାୟୀ ସେ କାମ କରୁଥିଲା । ବିଶ୍ରବା ତାକୁ ନିଜ ପତ୍ନୀ କେକାଶୀଙ୍କୁ ପ୍ରଦାନ କରିଥିଲେ । ଏହାରି ଭରପୂର ସୁଯୋଗ ଉଠାଇଥିଲା କେକଶୀ । ମହର୍ଷି ବିଶ୍ରବାଙ୍କ ଅଜାଣତରେ ଦେବତାଙ୍କ ବିରୁଦ୍ଧରେ ତାକୁ ଉପଯୋଗ କରିଥିଲା । ଜ୍ଞାତ ହେବାପରେ ବିଶ୍ରବା ତାଙ୍କ ନିର୍ମିତ କୁମ୍ଭକର୍ଣ୍ଣ ରୂପୀ ମାନବିକ ରୋବର୍ଟର ସିଷ୍ଟମରେ କିଛିଟା ପରିବର୍ତ୍ତନ ଆଣିଥିଲେ । ଫଳରେ ଅପେକ୍ଷାକୃତ ସେ ହୋଇଥିଲା ବାପୁହୀନ । ଏହାରି ପୁଷ୍ଟି ପାଇଁ ଏପର୍ଯ୍ୟନ୍ତ ଅବଶ୍ୟ କୌଣସି ଠୋସ ପ୍ରମାଣ ମିଳିନାହିଁ ।

ରାବଣ ଯୁଦ୍ଧରେ ନିଜର ପ୍ରିୟ ପୁତ୍ର ମେଘନାଦ ସମେତ ଅନେକ ବୀର ଯୋଦ୍ଧା ଓ ସାହସୀ ସେନାପତି ହରେଇ ସାରିଥାଏ । ଦିନକୁଦିନ ତାର ସେନା ଦୁର୍ବଳ ହେବାକୁ ଲାଗିଥାଏ । ପରାଜୟର ଚିନ୍ତା ଘାରୁଥାଏ । କିଂ କର୍ତ୍ତବ୍ୟ ବିମୂଢ଼ ରାବଣ ଛଅ ମାସ ନିଦ୍ରା ପୂର୍ଣ୍ଣ ପୂର୍ବରୁ ସାନ ଭାଇ କୁମ୍ଭକର୍ଣ୍ଣଙ୍କୁ ଉଠେଇବା ନିଷ୍ପତ୍ତି ନେଲା । ଆଦେଶ ଦେଲା । ନାନାଦି ପ୍ରୟାସ ସତ୍ତ୍ୱେ କୁମ୍ଭକର୍ଣ୍ଣର ନିଦ୍ରାଭଙ୍ଗ ହେଲାନାହିଁ । ତାକୁ ସ୍ୱୟଂ ଯିବାକୁ ହେଲା । ତାର ତୀବ୍ର ଚିତ୍କାରରେ କୁମ୍ଭକର୍ଣ୍ଣର ନିଦ ଭାଙ୍ଗିଲା । ଲଙ୍କାପତି ରାବଣକୁ ପ୍ରଣିପାତ ହେଲା । ଅସମୟରେ ତାକୁ ଜାଗ୍ରତ କରିବା କାରଣ ଜାଣିବାକୁ ପ୍ରାର୍ଥନା କଲା । ସମୁଦ୍ର ଉପରେ ସେତୁ ବନ୍ଧନଠୁ ମେଘନାଦ ମୃତ୍ୟୁ ପର୍ଯ୍ୟନ୍ତ ଗୋଟି ଗୋଟି କରି ସମସ୍ତ ଘଟଣା ବର୍ଣ୍ଣନା କଲା ରାବଣ । କୁମ୍ଭକର୍ଣ୍ଣ ଜାଣି ସାରିଥିଲା ରାମଚନ୍ଦ୍ର ସ୍ୱୟଂ ବିଷ୍ଣୁଙ୍କ ଅବତାର । ଅଯୋଧାର କୁଳବଧୂ ମାତା ସୀତାଙ୍କୁ ସସମ୍ମାନେ ପ୍ରତ୍ୟର୍ପଣ କରିବାକୁ ନିବେଦନ କଲା । ହେଲେ ହଟି ରାବଣ ତା ଜିଦରେ ଅଟଳ । ଓଲଟା କୁମ୍ଭକର୍ଣ୍ଣଙ୍କୁ ଭୀରୁ ଓ କାପୁରୁଷ କହି ଅପମାନିତ କରିବାକୁ ଲାଗିଲା । ମରଣ କାଳେ ବିପରୀତ ବୁଦ୍ଧି । କିଏ ବୁଝେଇବ ତାକୁ ? କୁମ୍ଭକର୍ଣ୍ଣ ଜଣେ ପରାକ୍ରମୀ ଯୋଦ୍ଧା । ପୁଣି ଭାଇ ପ୍ରେମରେ ବନ୍ଧା । ପିତୃତୁଲ୍ୟ ଜ୍ୟେଷ୍ଠ ଭ୍ରାତା ତଥା ମାତୃଭୂମି ପାଇଁ ସମର୍ପିତ । ଅନିଚ୍ଛା ସତ୍ତ୍ୱେ ଅନୀତି ଓ ଅଧର୍ମକୁ ସମର୍ଥନ ଦେବାକୁ ବିବଶ ହେଲା । ରଣକ୍ଷେତ୍ରକୁ ଓହ୍ଲାଇଲା । ଯୁଦ୍ଧ କଲା । ରାମ ସେନାର ଅଭୂତପୂର୍ବ ଅନିଷ୍ଟ କଲା । ଦିନକରେ ଆଠ ହଜାରରୁ ଅଧିକ ବାନର ସୈନିକ ନିହତ ହେଲେ । ପ୍ରଭୁ ରାମଚନ୍ଦ୍ରଙ୍କ ସହିତ ପ୍ରବଳ ଯୁଦ୍ଧ ହେଲା । ଇନ୍ଦ୍ରାସ୍ତ୍ର ପ୍ରୟୋଗରେ ପ୍ରଭୁଙ୍କ ହାତରେ ତାର ପ୍ରାଣ ଗଲା ।

ଅନୀତି ଓ ଅସଦାଚାର ସର୍ବଦା ସବୁଠି ଅଗ୍ରହଣୀୟ । ପରସ୍ତ୍ରୀ ହରଣ କେବେବି ବନ୍ଦନୀୟ ନୁହଁ । ସର୍ବଦା ନିନ୍ଦନୀୟ । ଛୋଟବି ମୋଟ କହିଯାନ୍ତି । ଯାହା ଗ୍ରହଣୀୟ ଅଗ୍ରହଣୀୟ ନୁହଁ, ଆଦିକାବ୍ୟ ରାମାୟଣ ଆମକୁ ଏହା ଶିଖାଏ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

# ମନେ ପଡ଼ନ୍ତି ଆଦର୍ଶ ଶିକ୍ଷକ ସ୍ୱର୍ଗତ ହରପ୍ରସାଦ ନନ୍ଦ

ଗୁରୁଙ୍କର ଦାନର ପ୍ରତିଦାନ କେହି ଦେଇ ପାରନ୍ତି ନାହିଁ । ସେମିତି ଗୁରୁ ଥିଲେ ସ୍ୱର୍ଗତ ହରପ୍ରସାଦ ନନ୍ଦ, ଦେବଗଡ଼, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ଶିକ୍ଷକ । ଆଜିକୁ ପ୍ରାୟ ଚାରି ବର୍ଷ ହେଲାଣି । ଆମ ଗହଣରେ ସେ ଆଉ ନାହାନ୍ତି । ରହି ଯାଇଛନ୍ତି ଫଟୋ ଚିତ୍ରରେ ଅବା ଆମମାନଙ୍କର ସ୍ମୃତି ପଟଳରେ । ଆଜି ଖୁବ୍ ମନେ ପଡ଼ନ୍ତି ଆମ ସମସ୍ତଙ୍କର ଅତିପ୍ରିୟ , ସୁପରିଚିତ, ଧର୍ମପରାୟଣ, ଛାତ୍ରବତ୍ସଳ, ଆଦର୍ଶ ଶିକ୍ଷକ ସ୍ୱର୍ଗତ ହରପ୍ରସାଦ ନନ୍ଦ । ହରଗୁରୁ ନାମରେ ଆମ ସମସ୍ତଙ୍କ ପାଖରେ ବେଶ ପରିଚିତ ।

ବାସ୍ତବରେ ସେ ଖାଲି ଆଦର୍ଶ ଶିକ୍ଷକ ନ ଥିଲେ, ସେ ଥିଲେ ଜଣେ ସଂଗଠକ, ଚିନ୍ମୟ ବିଦ୍ୟାଳୟର ପ୍ରଥମ ସଭାପତି, ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟୀ, ଗୋପାଳଜୀ ମନ୍ଦିର ପରିଚାଳନା କମିଟୀ, ବାସୁଦେବପୁର ଶିବ ମନ୍ଦିର ପରିଚାଳନା କମିଟୀର ସଭାପତି ସହିତ ସରକାରୀ ଅବସର ପ୍ରାପ୍ତ କର୍ମଚାରୀ ସଂଘ ର ସକ୍ରିୟ କର୍ମକର୍ତ୍ତା । ଶିକ୍ଷକତା ଚାକିରିରୁ ଅବସର ନେଲାପରେ ମଧ ପରିବାର ତଥା ଗୃହ ମଧ୍ୟରେ ଆବଦ୍ଧ ନରହି ସମାଜ କଲ୍ୟାଣ ତଥା ବିଭିନ୍ନ ସଂଗଠନରେ ଦାୟିତ୍ୱ ନେଇଥିଲେ । ସେ ଥିଲେ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ,ଦେବଗଡ଼ର ଉପଦେଷ୍ଟା । ବିଭିନ୍ନ ସମୟରେ ଯଥା ସମ୍ଭବ




ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେବା ସହ ଉପଦେଶ ପ୍ରଦାନ କରୁଥିଲେ । ଜଣେ ଭୂଗୋଳ ଶିକ୍ଷକ ଭାବରେ ଜିଲ୍ଲା ତଥା ଜିଲ୍ଲା ବାହାରେ ତାଙ୍କର ସୁନାମ ଥିଲା ।

ସେ ଥିଲେ ଜଣେ ନିଆରା ମଣିଷ । ସେ ଥିଲେ ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ଅସାଧାରଣ ବ୍ୟକ୍ତିତ୍ୱ । ତାଙ୍କର ଆଚରଣ, ଉଚ୍ଚାରଣ ଓ ଉତ୍ତମ ବ୍ୟବହାର ପାଇଁ ସେ ସମସ୍ତଙ୍କର ଅତି ପ୍ରିୟ ହୋଇ ପାରିଥିଲେ । ଏକାନ୍ତରେ ଦେଖିବାକୁ ଗଲେ ସେ ଥିଲେ ଅସାଧାରଣ ବ୍ୟକ୍ତିତ୍ୱର ଗଭୀର ଜ୍ଞାନର ସମୁଦ୍ରଟିଏ । ତାଙ୍କରି ଉଚ୍ଚ ଆଦର୍ଶ ଶିକ୍ଷାଦାନ ଫଳରେ ଶହ ଶହ ଛାତ୍ର ଉତ୍ତମ ଓ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ପାରିଛନ୍ତି ।

ତାଙ୍କରି ଅବର୍ତ୍ତମାନରେ ଆମ ସମସ୍ତଙ୍କର ମନରେ ଭରି ଦେଇଛି ଅପୂରଣୀୟ କ୍ଷତି । କେବଳ ସେ ରହିଯାଇଛନ୍ତି ଅନୁଭବର ସମୟ ପ୍ରବାହ ମଧ୍ୟରେ । ଆମ ପାଖରେ ସେ ନାହାନ୍ତି ସତ ହେଲେ ଛାଡ଼ି ଯାଇଛନ୍ତି ଅସରନ୍ତି ଉପଦେଶ, ଜୀବନ ଗଠନର ବାର୍ତ୍ତା, ଭଲ ମଣିଷ ହେବାର ନୀତି ।

ଏହା ଧ୍ରୁବ ସତ୍ୟ, ସେ ଆମ ପାଖରେ ଆଜି ନାହାନ୍ତି । ମନେ ପଡ଼ିଯାଏ ପ୍ରିୟ ଗୁରୁଙ୍କର ଶିକ୍ଷାଦାନ, ଭଲ ମଣିଷ ହେବା ପାଇଁ ଉପଦେଶ, ସମୟାନୁବର୍ତ୍ତିତା ଓ ଆଦର୍ଶ ଛାତ୍ର ହୋଇ ସମାଜ ତଥା ଦେଶର ସୁନାଗରିକ ହେବାର ଗୁରୁମନ୍ତ୍ର ।

କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମିତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ ।

ଏହା ଚିରନ୍ତନ ସତ୍ୟ । ଆରମ୍ଭର ଶେଷ ଅଛି ଓ ପ୍ରବେଶର ପ୍ରସ୍ଥାନ ଅଛି । ମାତ୍ର ମଣିଷ ଚାଲିଗଲା ପରେ ବି ସବୁଦିନ ପାଇଁ ଅମର ହୋଇ ରହେ ତାଙ୍କର ଗୁଣ,କୀର୍ତ୍ତି, ଯଶ,କର୍ମ ଓ ସ୍ମୃତି । ସେଥିପାଇଁ ଆମେ ସେହି ଅମର ଗୁରୁଙ୍କୁ ମନେ କରିଥାଉ ଓ ଶ୍ରଦ୍ଧାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁ ।

ସତରେ ହରଗୁରୁ ଆମ ଗହଣରେ ନାହାନ୍ତି । ଏ କଥା ଭାବିଲା ବେଳକୁ ଏଇ ଅଛନ୍ତି, କାଲି ପରି ଲାଗୁଛି । ତାଙ୍କର ସମସ୍ତ ଗୁଣ ଓ ସ୍ମୃତି ଅନୁଭୂତି ଆମ ହୃଦୟରେ ଏକ ଅପୂରଣୀୟ ସ୍ଥାନ ଅଳଙ୍କୃତ କରିଛି । ଲାଗୁଛି ସେ ଏବେ ବି ଆମ ପାଖରେ ଅଛନ୍ତି । ଏଇ ତା- ୨୧.୬.୨୦୨୫ ମଃ ଦିନ ଚତୁର୍ଥ ବାର୍ଷିକୀ ମହାପ୍ରୟାଣ ଦିବସ । ଦେଖୁ ଦେଖୁ ଚାରି ବର୍ଷ ହୋଇଗଲାଣି । ପତିତପାବନ ମହାବାହୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା । ତାଙ୍କର ଅମର ଆତ୍ମା ସଦଗତି ଲାଭ କରୁ । ସମସ୍ତ ଛାତ୍ରକୁଳ,ପରିବାର ବର୍ଗ ତଥା ହରଗୁରୁ ପ୍ରେମୀ ଜନସାଧାରଣ ଭକ୍ତିପୂତ ଅର୍ଘ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

**ଅଧ୍ୟାପକ ଚିତ୍ତ ରଞ୍ଜନ ଦାସ, ଦେବଗଡ**

## ଆଜିର ଚିନ୍ତନ


ଏକ ଆଧ୍ୟାତ୍ମିକ ଜୀବନ ନିର୍ମାଣ ନିମନ୍ତେ ପାଞ୍ଚ ଗୋଟି ସାଧନର ଅଭ୍ୟାସ ନିତାନ୍ତ ଆବଶ୍ୟକ । ଏହି ପାଞ୍ଚ ଗୋଟି ସାଧନ ହେଲା- ୧- ମନର ନିୟନ୍ତ୍ରଣ ୨. ଇନ୍ଦ୍ରିୟ ସଂଯମ ୩.ଅସାଧୁ ସଙ୍ଗତ୍ୟାଗ ୪.ତିତିକ୍ଷା ୫.ଶ୍ରଦ୍ଧା । ପ୍ରଥମତଃ ଆସେ ମନ ନିୟନ୍ତ୍ରଣ । ଯୋଗ ଶାସ୍ତ୍ରରେ ଏହାକୁ ଶମ କହନ୍ତି । ମନ ଏକ ଜଡ ତତ୍ତ୍ୱ । ଚେତନା ଆତ୍ମା ଦ୍ୱାରା ଏହା କ୍ରିୟାଶୀଳ । ଆତ୍ମା ମନକୁ ବୁଦ୍ଧି ମାଧ୍ୟମରେ ନିୟନ୍ତ୍ରଣ କରି ସଠିକ ମାର୍ଗକୁ ଆଣିଥାଏ । ତେଣୁ ମନକୁ ଅଧର୍ମ କର୍ମରୁ ନିବୃତ୍ତ କରି ଧର୍ମ କାର୍ଯ୍ୟରେ ପ୍ରବୃତ୍ତ କରାଇବା ଦାୟିତ୍ୱ ଆମ ନିଜର । ମନକୁ ବଶୀଭୂତ କରିବା ଉପାୟ ପ୍ରାଣାୟାମ । ପ୍ରାଣାୟାମ ଦ୍ୱାରା ମନ ଓ ପ୍ରାଣ ବଶୀଭୂତ ହୋଇଥାଏ । ଦ୍ୱିତୀୟରେ ଇନ୍ଦ୍ରିୟ ସଂଯମ- ଏହାକୁ ଦମ କହନ୍ତି । ଚକ୍ଷୁ, କର୍ଣ୍ଣ, ଜିହ୍ୱା ଇତ୍ୟାଦି ଇନ୍ଦ୍ରିୟ ଗଣ ସର୍ବଦା ବିଷୟ ଭୋଗ ପାଇଁ ଲାଳାୟିତ । ବିଷୟଭୋଗରେ ଦୋଷ ଓ ଅସାଧାରଣ ଅନୁଭବ କରି ଇନ୍ଦ୍ରିୟ ମାନଙ୍କୁ ବିଷୟ ଭୋଗରୁ ନିବୃତ୍ତ କରାଇ ବା ଇନ୍ଦ୍ରିୟ ସଂଯମ ଅଟେ । ଭୋଗେ ରୋଗ ଭୟ ଏହା ଚିନ୍ତା କରି ଇନ୍ଦ୍ରିୟ ସଂଯମ ଅଭ୍ୟାସ କରିବା ଏକ ମୁଖ୍ୟ ସାଧନ । ତୃତୀୟରେ ଅସାଧୁ ସଙ୍ଗ ତ୍ୟାଗ- ଦୁଷ୍ଟ ଓ ଅସାଧୁ ପ୍ରକୃତିର ଲୋକଙ୍କ ଠାରୁ ସର୍ବଦା ଦୂରରେ ରହିବା ଉଚିତ । ଆଧ୍ୟାତ୍ମିକ ମାର୍ଗରେ ଯିବା ସାଧକଙ୍କ ପାଇଁ ଏମାନେ ସର୍ବଦା ବାଧକ । ଚତୁର୍ଥ ସାଧନ ତିତିକ୍ଷା ନିନ୍ଦା- ସ୍ତୁତି, ହାନି-ଲାଭ, ସୁଖ-ଦୁଃଖ ଇତ୍ୟାଦି ପରିସ୍ଥିତିରେ ସମଭାବ ରଖି ଦ୍ୱନ୍ଦ୍ୱକୁ ଧୈର୍ଯ୍ୟର ସହ ସହ୍ୟ କରିବା ତିତିକ୍ଷା ଅଟେ । ସାଧକମାନେ ସବୁ ଦୁଃଖ ଦ୍ୱନ୍ଦ୍ୱକୁ ସହ୍ୟ କରି ମଧ କାହାକୁ କହି ନଥାନ୍ତି । ଏମାନେ ସର୍ବଦା ମୋକ୍ଷ ସାଧନରେ ବ୍ରତୀ ଥାନ୍ତି । ଶେଷରେ ଆସେ ଶ୍ରଦ୍ଧା । ସତ୍ୟ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ଶ୍ରଦ୍ଧା । ବେଦ ଉପନିଷଦ ପ୍ରଭୃତି ଶାସ୍ତ୍ର ଅଧ୍ୟୟନ ଓ ସଦଗୁରୁଙ୍କ ଉପଦେଶ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ଶ୍ରଦ୍ଧାର ସହ ତାହା ପାଳନ କରିବା ଶ୍ରଦ୍ଧା ସାଧନ ଅନ୍ତର୍ଭୁକ୍ତ । ପୂର୍ବୋକ୍ତ ପଞ୍ଚ ସାଧନକୁ ନିଷ୍ଠାର ସହ ପାଳନ କରିବା ଏକ ସଫଳ ଜୀବନ ଯାପନର ମୌଳିକ ବ୍ୟାକରଣ ଅଟେ ।

ବର୍ଷ ୨୯, ସଂଖ୍ୟା - ୨୫, ୨୨ - ୨୮ ଜୁନ୍ ୨୦୨୫

# ଓଡ଼ିଆରେ ଶାସନ

ଯେଉଁ ଜାତି ନିଜର ମାତୃଭାଷାକୁ ଯେତେ ଅଧିକ ଗୁରୁତ୍ୱ ଦେଇଛି ସେ ଜାତି ସେତେ ଅଧିକ ସମୃଦ୍ଧ । ଏହା ଏକ ପ୍ରବନ୍ଧ, ଉପନ୍ୟାସ ବା ଗଳ୍ପର ପଂକ୍ତି ନୁହେଁ, ସାମ୍ପ୍ରତିକ ବିଶ୍ୱ ଦରବାରରେ ଏକ ପ୍ରମାଣିତ ତଥ୍ୟ । ଜାପାନ, ଜର୍ମାନ, କୋରିଆ, ଚାଇନା, ଆମେରିକା, ରୁଷିଆ ପରି ଯେ କୌଣସି ରାଷ୍ଟ୍ରକୁ ଅନୁଧ୍ୟାନ କଲେ ଆମେ ଏହି ସିଦ୍ଧାନ୍ତରେ ସହଜରେ ଉପନୀତ ହୋଇପାରିବା । ମାତୃଭାଷାକୁ ସରକାରୀ, ବେସରକାରୀ ତଥା ଶିକ୍ଷା ବ୍ୟବସ୍ଥାରେ ବାଧ୍ୟତାମୂଳକ କଲେ ବ୍ୟକ୍ତିର ସମ୍ପୂର୍ଣ୍ଣ ସାମଗ୍ରିକ ବିକାଶ ସମ୍ଭବ ହେବା ସହିତ ଜାତୀୟ ଜୀବନରେ ସାମଗ୍ରିକ ଅଭିବୃଦ୍ଧି ସହଜ ହୋଇଥାଏ । ଏହି ସତ୍ୟକୁ ଅନୁଭବ କରି ଓଡ଼ିଶାର ପ୍ରଥମ ନିର୍ବାଚିତ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓଡ଼ିଆ ଭାଷା ଆଇନ- ୧୯୫୪ ବିଧାନ ସଭାରେ ଆଣିଥିଲେ ଓ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ହେବା ପାଇଁ ଏହି ଆଇନ ଉଦ୍ଦିଷ୍ଟ ଥିଲା । ଏହା ସେତେବେଳେ ଅସହଜ ମନେହେଉଥିଲା କାରଣ ଶାସନ ବ୍ୟବସ୍ଥାରେ ଥିବା ଅଧିକାଂଶ ଉଚ୍ଚ ପଦାଧିକାରୀ ଓଡ଼ିଆ ଭାଷାରେ ଦକ୍ଷ ନ ଥିଲେ ବା ଓଡ଼ିଆକୁ ଗୁରୁତ୍ୱ ଦେଉ ନ ଥିଲେ । ଏମିତି ଏକ ସମୟରେ ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ସେ ଓଡ଼ିଆ ଭାଷାରେ ଶାସନ କାର୍ଯ୍ୟ ପରିଚାଳନା କରିବାର ଦୁଃସାହସ କରିଥିଲେ । ଏହି ସମୟରେ ସେ ବିଧାନସଭାରେ ରାଜନୈତିକ ଚକ୍ରାନ୍ତର ଶିକାର ହୋଇ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇଥିଲେ । ଏହି ଅନାସ୍ଥା ପ୍ରସ୍ତାବ ସମୟରେ ତାଙ୍କ ବିରୋଧରେ ଦୁଇଜଣ ଶାସକ ଦଳର ବିଧାୟକ ଭୋଟ ଦେବାରୁ ସେ ସଂଖ୍ୟା ଗରିଷ୍ଠତା ପ୍ରମାଣିତ କରି ମଧ ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ପ୍ରଦାନ କରି ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ । ତାଙ୍କର ଇସ୍ତଫା ପରେ ଓଡ଼ିଶାରେ ଓଡ଼ିଆ ଶାସନର ସ୍ୱପ୍ନ ସ୍ୱପ୍ନରେ ରହିଗଲା ।

ଓଡ଼ିଆ ଭାଷା ଆଇନ ୧୯୫୪ କେବଳ ଫାଇଲ ମଧ୍ୟରେ ସୀମିତ ହୋଇ ରହିଗଲା । ମାତୃଭାଷାର ବ୍ୟାପକ ବ୍ୟବହାର ଦ୍ୱାରା ଓ ଲୋକମାନେ ସହଜ ଶାସନ ବ୍ୟବସ୍ଥା ପାଇବା ସହିତ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପ୍ରଗତି ସାଧ ହେବାର ସ୍ୱପ୍ନ ଅପୂରଣୀୟ ରହିଗଲା । ତା'ପରେ ରାଜନୈତିକ ପଟ ପରିବର୍ତ୍ତନ ଅନେକବାର ହୋଇଛି କିନ୍ତୁ ଭାଷା' ଆଇନକୁ କାର୍ଯ୍ୟକାରୀ କରିବାର ସଂକଳ୍ପିତ ପ୍ରୟାସ ଆଜି ପର୍ଯ୍ୟନ୍ତ ହୋଇନାହିଁ । ଏକ ସମୟରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ପରିଚାଳିତ ସରକାର ସମସ୍ତ ଶାସନ କାର୍ଯ୍ୟ ଓଡ଼ିଆରେ କରିବା ପାଇଁ ଟାଇପ ରାଇଟର କ୍ରୟ କରିଥିଲେ । ଭାଷା ଆଇନ ୧୯୫୪କୁ ଲାଗୁ କରାଇବା ପାଇଁ ମଧ ପ୍ରୟାସ କରିଥିଲେ । ସେ ମଧ ଏହି ପ୍ରୟାସରେ ସଫଳ ହୋଇ ନ ଥିଲେ କାରଣ ଅମଲାତନ୍ତ୍ରର ଇଚ୍ଛାଶକ୍ତିର ଅଭାବ ଓ ଅସହଯୋଗ ଭାବ । ଏମିତି ଏକ ଦୁର୍ବଳ ବ୍ୟବସ୍ଥା ମଧ୍ୟରେ ଓଡ଼ିଆ ଶାସନ କେବଳ ବୁଦ୍ଧିଜୀବୀଙ୍କ ନିୟମିତ ଆଲୋଚନା ଓ ଦାବି ଉପସ୍ଥାପନରେ ଉଜ୍ଜୀବିତ ରହିଛି । ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ବୁଦ୍ଧିଜୀବୀ ଓ ମିଳିତ ଭାବରେ ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ ଆରମ୍ଭ କରିବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓ ଭାଷା ଆଇନ ୧୯୫୪ରେ କିଛି ପରିବର୍ତ୍ତନ କରି ଲାଗୁ କରିବା ପାଇଁ ୨୦୧୬ ମେ ୨୧ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେହି ବର୍ଷ ଅଗଷ୍ଟ ୧୨ରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଭାଷା ଆଇନ ଲାଗୁ କରାଇବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଗଲା । ଅକ୍ଟୋବର ୨୨ରେ ଇଂଲିଶ ସହିତ ଓଡ଼ିଆକୁ ବାଧ୍ୟତାମୂଳକ ଭାବେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ବ୍ୟବହାର କରିବାକୁ ନିର୍ଦ୍ଦେଶ ଜାରି କରାଗଲା । ଏହା ସମଗ୍ର ଓଡ଼ିଶାରେ ଏକ ସମ୍ଭାବନାର ସ୍ୱର ସୃଷ୍ଟି କରିଥିଲା । କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ଅସମ୍ଭବ ପ୍ରକାର ଶିଙ୍ଖଳତା ପରିଲକ୍ଷିତ ହୋଇଥିଲା । ଏହି ଶିଥୁଳତାକୁ ଦୂର କରିବା ପାଇଁ ପୁନଃ ୨୦୧୮ ଜୁନ୍ ୩୦ରେ ଓଡ଼ିଆ ଭାଷାକୁ ବ୍ୟବହାର କରୁଥିବା କର୍ମଚାରୀ ଓ ଅନୁଷ୍ଠାନକୁ ପୁରସ୍କାର ଓ ଅବହେଳା କରୁଥିବା କର୍ମଚାରୀଙ୍କୁ ଦଣ୍ଡ ବିଧାନ କରିବାର ବ୍ୟବସ୍ଥା କରାଗଲା । ଆଶା କରାଯାଉଥିଲା ଏଥର ଓଡ଼ିଆ ଭାଷା ଆଇନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ । କିନ୍ତୁ ନିୟମ ତିଆରି କରିବା ସରକାରଙ୍କର କର୍ତ୍ତବ୍ୟ ହୋଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥାର ପ୍ରବର୍ତ୍ତନ କରିବା ତାଙ୍କର ଦାୟିତ୍ୱ ବୋଲି ଭୁଲିଯାଇଛନ୍ତି । ଏଠାରେ ନିୟମ ତିଆରି କରିବା ଓ ତାହାକୁ କାର୍ଯ୍ୟକାରୀ କରିବା ମଧ୍ୟରେ ଯେଉଁ ବିରାଟ ବ୍ୟବଧାନ ରହିଛି ତା' ପାଇଁ ସରକାରୀ ନଥିପତ୍ରରେ ହେଉଥିବା ଆଇନର କାର୍ଯ୍ୟକାରିତା ହାର ଖୁବ୍ କମ୍ । ୨୦୨୪ରେ ସରକାର ପରିବର୍ତ୍ତନ ହୋଇଛି । ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ନୂତନ ସରକାରକୁ ଲୋକେ ନିର୍ବାଚିତ କରିଛନ୍ତି । ଏହା ମଧ୍ୟରେ ଏକ ବର୍ଷ ଅତିକ୍ରାନ୍ତ । ତଥାପି ଓଡ଼ିଆ ଭାଷାରେ ଶାସନ ଏବେ ବି ସ୍ୱପ୍ନ ହୋଇରହିଛି ।



# ସମାଜବାଦରେ ସମାନତା

## ମହାତ୍ମା ଗାନ୍ଧୀ

ସମାଜବାଦ ହେଉଛି ଗୋଟିଏ ସୁନ୍ଦର ଶବ୍ଦ, ଏବଂ ମୋ'ର ଯେତେଦୂର ଅବଗତି ରହିଛି, ସମାଜବାଦରେ ସମାଜର ପ୍ରତ୍ୟେକ ବ୍ୟକ୍ତି ସମାନ, କେହି ନୀଚ ନୁହନ୍ତି, କେହି ଉଚ୍ଚ ନୁହନ୍ତି । ଜଣେ ବ୍ୟକ୍ତିର ଶରୀରରେ, ମୁଣ୍ଡ ଏକାବେଳେକେ ଉପରେ ଯାଇ ରହିଛି ବୋଲି ତାକୁ କଦାପି ଉଚ୍ଚ ବୋଲି କୁହାଯିବ ନାହିଁ ଏବଂ ପାଦ ତଳିପାଗୁଡିକ ମାଟିକୁ ସ୍ପର୍ଶ କରି ରହିଛନ୍ତି ବୋଲି ସେଗୁଡିକୁ ନୀଚ ବୋଲି କୁହାଯିବ ନାହିଁ । ଜଣେ ବ୍ୟକ୍ତିର ଦେହରେ ଥିବା ଅଙ୍ଗପ୍ରତ୍ୟଙ୍ଗମାନେ ଯେଉଁପରି ସମାନ, ଠିକ୍ ସେହିପରି ସମାଜର ସଭ୍ୟମାନେ ମଧ ସମାନ । ଏହା ହିଁ ସମାଜବାଦ ।

ଏହି ସମାଜରେ ଜଣେ ରାଜପୁତ୍ର ଓ ଜଣେ କୃଷିଜୀବୀ, ଧନୀ ଏବଂ ଦରିଦ୍ର ମାଲିକ ଓ ଶ୍ରମିକ, ଏମାନେ ସମସ୍ତେ ଗୋଟିଏ ସ୍ତରର । ଧର୍ମର ଅର୍ଥରେ କହିବାକୁ ଗଲେ ସମାଜବାଦରେ କୌଣସି ଦ୍ୱୈତତା ନାହିଁ, କେବଳ ଏକତା ହିଁ ରହିଛି ।

ପୃଥିବୀସାରା ରହିଥିବା ସମାଜ ଉପରେ ଦୃଷ୍ଟିପାତ କଲେ ଆମେ ଜାଣି ପାରିବା ଯେ, ସେଥିରେ ଦ୍ୱୈତତା ବା ଏକତା ବ୍ୟତୀତ କେଉଁଠାରେ କିଛି ନାହିଁ । ଏକତାର ଅନୁପସ୍ଥିତି ସତେଅବା ଜଳଜଳ ହୋଇ ଦେଖାଯାଉଛି । ଏହି ବ୍ୟକ୍ତି ଉଚ୍ଚ ହୋଇ ରହିଛି ଓ ସେହି ବ୍ୟକ୍ତିଟି ନୀଚ ହୋଇ ରହିଛି, ଇଏ ହିନ୍ଦୁ ତ ସିଏ ମୁସଲମାନ, ଆଉ କିଏ ଖ୍ରୀଷ୍ଟିଆନ ପୁଣି ଆଉ କିଏ ପାର୍ସୀ, ଶିଖ ବା ଇହୁଦୀ ଇତ୍ୟାଦି ଇତ୍ୟାଦି । ଏପରିକି ଏମାନଙ୍କ ଭିତରେ ମଧ ଉପବିଭାଗମାନ ରହିଛି । ଏକତା ବିଷୟରେ ମୋ'ର ଯେଉଁ କଳ୍ପନା ରହିଛି, ସେଥିରେ ବାହ୍ୟ ମାନଚିତ୍ରର ଅନେକତା ଭିତରେ ମଧ ପୂର୍ଣ୍ଣ ଏକତା ରହିଛି ।

ଏହିପରି ଗୋଟିଏ ସ୍ଥିତିରେ ଆସି ପହଞ୍ଚିବାକୁ ହେଲେ ଆମକୁ ହୁଏତ ଆଦୌ ଦାର୍ଶନିକ ଭାବରେ ବସ୍ତୁଗୁଡିକ ଉପରେ ଦୃଷ୍ଟିପାତ କରିବାକୁ ପଡିବ ନାହିଁ ଏବଂ ଆମେ ସମସ୍ତେ ସମାଜବାଦର ଧର୍ମରେ ଦୀକ୍ଷିତ ହେବା ପର୍ଯ୍ୟନ୍ତ ଆମର ଆଦୌ କିଛି କରିବାର ନାହିଁ ବୋଲି କଦାପି କହିବା ନାହିଁ । ନିଜ ଜୀବନରେ ଆଦୌ କୌଣସି ପରିବର୍ତ୍ତନ ନ ଘଟାଇ ଆମେ ହୁଏତ ବକ୍ତୃତା ଦେଉଥିବା, ଦଳ ଗଢୁଥିବା ଓ ଛଞ୍ଚାଣପରି ଶିକାର ଆମ ହାତପାଆନ୍ତାକୁ ଆସିବା ମାତ୍ରକେ ତାକୁ ଝାମ୍ପି ଆଣୁଥିବା, ଏହା ଆଦୌ ସମାଜବାଦ ନୁହେଁ । ଆମେ ତାହାକୁ ଗୋଟିଏ ଶିକାର ପରି ଯେତିକି ଦେଖୁଥିବା, ତାହା ସେତିକି ଅଧିକ ପରିମାଣରେ ଆମ ପାଖକୁ ଘୁଞ୍ଚି ଘୁଞ୍ଚି ଯାଉଥିବ ।

ସମାଜବାଦ ପ୍ରଥମ ସମାଜବାଦୀଠାରୁ ହିଁ ଆରମ୍ଭ ହେବ । ଯଦି ଜଣେ ଏହିପରି ସମାଜବାଦୀ କେହି ଥାଏ, ତେବେ ତୁମେ ତାହା ଆଗକୁ ଶୂନ୍ୟଗୁଡିକୁ ଲେଖି ଲେଖି ଯାଇପାରିବ, ତେବେ ପ୍ରଥମ ଶୂନ୍ୟଟି ରାଶିଟିକୁ ଦଶଗୁଣ ଅଧିକ କରିଦେବ ଓ ତା' ପରେ ତୁମେ ଯେତକି ଶୂନ୍ୟ ବସାଇବ, ତାହା ପୂର୍ବ ସଂଖ୍ୟାଟିକୁ ଦଶଗୁଣ କରିଦେଇ ପାରୁଥିବ । ମାତ୍ର, ଯଦି ମୂଳସଂଖ୍ୟାଟି ହିଁ ଶୂନ୍ୟ ହୋଇଥାଏ, ଅର୍ଥାତ୍ ଯଦି କେହି ଏକ ହୋଇ ଆରମ୍ଭ ହିଁ ନ କରନ୍ତି, ତେବେ ଆମକୁ ଯେତେ ଶୂନ୍ୟ ଆଣି ବସାଇଲେ ମଧ ମୂଲ୍ୟ କେବଳ ଶୂନ୍ୟ ହୋଇ ରହିବ । ଶୂନ୍ୟ ପରେ ଶୂନ୍ୟ ଲେଖି ସମୟ ନଷ୍ଟ ହେବ, କାଗଜ ମଧ ନଷ୍ଟ ହେବ ।

ଏହି ସମାଜବାଦ ହେଉଛି ସ୍ଫଟିକ ପରି ସ୍ୱଚ୍ଛ ଏହାକୁ ହାସଲ କରିବାକୁ ହେଲେ ସ୍ଫଟିକ ପରି ଉପାୟଗୁଡିକର ଆବଶ୍ୟକତା ରହିଛି । ଅଶୁଦ୍ଧ ଉପାୟଗୁଡିକୁ ଅବଲମ୍ବନ କଲେ ଲକ୍ଷ୍ୟଟି ମଧ ଅଶୁଦ୍ଧ ହୋଇଯିବ । ତେଣୁ ରାଜପୁତ୍ରର ମୁଣ୍ଡକୁ କାଟିଦେଇ ଆମେ କଦାପି ରାଜପୁତ୍ର ଓ କୃଷକକୁ ସମାନ କରିବାର ଉଦ୍ୟମ କରିବା ନାହିଁ । ଅଥବା ସେହିପରି ମୁଣ୍ଡ କାଟି ସମାଜ କରିବାର ପ୍ରକ୍ରିୟା ଦ୍ୱାରା ମାଲିକ ଓ ଶ୍ରମିକ ମଧ କଦାପି ସମାନ ହୋଇଯିବେ ନାହିଁ ।

ଆମେ ଅସତ୍ୟ ଦ୍ୱାରା କଦାପି ସତ୍ୟରେ ଯାଇ ପହଞ୍ଚି ପାରିବା ନାହିଁ । କେବଳ ସତ୍ୟର ଆଚରଣ ଦ୍ୱାରା ହିଁ ସତ୍ୟରେ ପହଞ୍ଚିବା ସମ୍ଭବ ହେବ । ଅହିଂସା ଓ ସତ୍ୟ ପରସ୍ପରର ଯାଆଁଳାଭାଇ ନୁହନ୍ତି କି ? ଏହାର ଉତ୍ତର ଦେବାକୁ ଯାଇ ଅତ୍ୟନ୍ତ ଦୃଢ଼ ଭାବରେ ନୁହନ୍ତି ବୋଲି କହିବାକୁ ହେବ । ସତ୍ୟର ଆଧାର ଉପରେ ଅହିଂସା ଠିଆ ହୋଇଛି ଏବଂ ଅହିଂସାର ଆଧାର ଉପରେ ସତ୍ୟ ଠିଆ ହୋଇଛି । ସେଇଥିଲାଗି ଏହି ଦୁହିଁଙ୍କୁ ଗୋଟିଏ ମୁଦ୍ରାର ଦୁଇପାଖ ବୋଲି କୁହାଯାଇଛି । ଗୋଟିଏ ଅନ୍ୟଟି ଠାରୁ କଦାପି ଅଲଗା କରିହେବ ନାହିଁ । ତୁମେ ମୁଦ୍ରାଟିର ଦୁଇପାଖରୁ ହିଁ ମୁଦ୍ରାକୁ ଦେଖିବ । ଶବ୍ଦଗୁଡିକର ବନାନ ସିନା ପୃଥକ୍ ହୋଇଥିବ, ମାତ୍ର ମୂଲ୍ୟ ସମାନ ହୋଇ ରହିଥିବ ।

ପୂର୍ଣ୍ଣ ଶୁଦ୍ଧତା ବ୍ୟତୀତ ଆମେ ଇପ୍ସିତ ଆଦର୍ଶ ସ୍ଥିତିରେ କଦାପି ପହଞ୍ଚି ପାରିବା ନାହିଁ । ଯଦି ତମ ମନରେ ଅଥବା ଶରୀରରେ ଅଶୁଦ୍ଧତାକୁ ସ୍ଥାନ ଦେବ, ତେବେ ତୁମେ ଭିତରେ ଅସତ୍ୟ ଏବଂ ହିଂସା ଆସି ଅବଶ୍ୟ ପ୍ରବେଶ କରିବ ।

ତେଣୁ, କେବଳ ସତ୍ୟାଚାରୀ ଅହିଂସ ଏବଂ ଶୁଦ୍ଧହୃଦୟ ସମାଜବାଦୀମାନେ ହିଁ ଭାରତବର୍ଷରେ ଓ ପୃଥିବୀରେ ଗୋଟିଏ ସମାଜବାଦୀ ସମାଜର ପ୍ରତିଷ୍ଠା କରି ପାରିବେ । ମୋ' ଜାଣିବାରେ ପୃଥିବୀରେ ଏପରି ଗୋଟିଏ ଦେଶ ନାହିଁ ଯିଏକି ପୂର୍ଣ୍ଣଭାବରେ ସମାଜବାଦୀ ହୋଇ ପାରିଛି । ଉପରେ ଯେଉଁ ଉପାୟଗୁଡିକର ବର୍ଣ୍ଣନା କରାଯାଇଛି, ଏପରି ଗୋଟିଏ ସମାଜର ସ୍ଥାପନା ତାହା ବ୍ୟତୀତ କଦାପି ସମ୍ଭବ ହେବ ନାହିଁ ।

ବର୍ତ୍ତମାନ ସମାନତା ଆଣିବାକୁ ସେମାନେ ଆଦୌ କିଛି କରିପାରିବେ ନାହିଁ ବୋଲି ସୋସିଆଲିଷ୍ଟ ଓ କମ୍ୟୁନିଷ୍ଟମାନେ କହୁଛନ୍ତି । ସେମାନେ ବର୍ତ୍ତମାନ ଏହାର ସପକ୍ଷରେ କେବଳ ପ୍ରଚାର କରିବେ ଏବଂ ସେହି ଉଦ୍ଦେଶ୍ୟରେ ସେମାନେ ଘୃଣା ଜନ୍ମାଇବେ ଓ ଘୃଣା ବଢ଼ାଇବେ ବୋଲି ବିଶ୍ୱାସ କରୁଛନ୍ତି । ସେମାନେ କହୁଛନ୍ତି ସେମାନଙ୍କ ହାତକୁ ଯେତେବେଳେ ରାଷ୍ଟ୍ରର ଅଧିକାର ଆସିଯିବ, ସେତେବେଳେ ସେମାନେ ଅଧିକାର ପ୍ରୟୋଗ କରି ସମାନତାର ପ୍ରବର୍ତ୍ତନ କରିବେ ।

ଧନୀ ଲୋକମାନେ ଦେଉଥିବା ମୋଟରଗାଡ଼ି ଏବଂ ଅନ୍ୟାନ୍ୟ ସୁବିଧାର ଉପଯୋଗ କରୁଥିଲେ ମଧ ମୁଁ ନିଜକୁ ସବା ଆଗରେ ଥିବା ଜଣେ କମ୍ୟୁନିଷ୍ଟ ବୋଲି ଦାବି କରି କହିବି, ସେହି ଧନୀମାନଙ୍କର ମୋ' ଉପରେ କୌଣସି ଅକ୍ତିଆର ନାହିଁ ଏବଂ ଯଦି ଜନସାଧାରଙ୍କର ଦୃଷ୍ଟିରୁ ପ୍ରୟୋଜନ ହୁଏ, ତେବେ ମୁଁ ଗୋଟିଏ ମୁହୂର୍ତ୍ତରେ ମଧ ସେମାନଙ୍କୁ ଛାଡ଼ି ବାହାରି ଆସି ପାରିବି ।

# କଳାଲୁଣ ଏସିଡିଟି ପାଇଁ ରାମବାଣ

ଆୟୁର୍ବେଦ ଅନୁସାରେ କଳାଲୁଣକୁ ଡାଏଟରେ ସାମିଲ କରିବା ଦ୍ୱାରା ଅନେକ ରୋଗ ଦୂର ହୋଇଥାଏ । ଏଥିରେ ୮୦ ପ୍ରକାର ଖଣିଜ ପଦାର୍ଥ ରହିଛି । ଯାହା ଉଚ୍ଚ ରକ୍ତଚାପ, ଡିପ୍ରେଶନ, କୋଲେଷ୍ଟ୍ରଲ ଓ ପେଟ ରୋଗ ପାଇଁ ଉପକାରୀ । ପ୍ରତିଦିନ ଦହି, ସାଲାଡ୍, ଚଟନି ଆଦିରେ କଳା ଲୁଣ ବ୍ୟବହାର କରି ପାରିବେ ।



ନିୟମିତ କଳା ଲୁଣ ଖାଇବା ଦ୍ୱାରା ଷ୍ଟ୍ରେସ୍ ହର୍ମୋନ୍ କାର୍ଟିସୋଲ ଓ ଏଡେରନାଲାଇନ ସ୍ତର କମ୍ ହୋଇଥାଏ । ଖାରୀୟ ପ୍ରକୃତି ଯୋଗୁଁ ଏହା ପେଟକୁ ଯାଇ ଏସିଡ୍ କମ୍ କରିଥାଏ ଯାହାଦ୍ୱାରା ଏସିଡିଟି ଓ ଛାତିରେ ଜଳାପୋଡା କମ୍ ହୋଇଥାଏ ।

ଗ୍ୟାସ୍ ସମସ୍ୟା ସମ୍ପୂର୍ଣ୍ଣ ଦୂର କରିବା ପାଇଁ କଳା ଲୁଣ ଉତ୍ତମ ଉପାୟ । ଏଥିପାଇଁ ଏକ ତମ୍ବା ବାସନ ଗରମ କରି କଳା ଲୁଣ ପକାନ୍ତୁ । ଲୁଣ ରଙ୍ଗ ବଦଳିବା ପରେ ଗ୍ୟାସ୍ ବନ୍ଦ କରନ୍ତୁ । ଗୋଟିଏ ଗ୍ଲାସ ପାଣିରେ ଅଧ ଚାମଚ କଳା ଲୁଣ ପକାଇ ପିଅନ୍ତୁ । ଏହା ପେଟ ଭିତରେ ପ୍ରାକୃତିକ ଲୁଣ, ହାଇଡ୍ରୋକ୍ଲୋରିନ୍ ଏସିଡ୍ ଓ ପ୍ରୋଟିନ୍ ତିଆରି କରୁଥିବା ଏନଜାଇମକୁ ସକ୍ରିୟ କରିଥାଏ ଯାହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଯାଏ । ଏଥିରେ ଥିବା ପୋଟାସିୟମ ଯାହା ମାଂସପେଶୀକୁ ଠିକ୍ କରିବାରେ ସାହାଯ୍ୟ କରିଥାଏ । ଏହା ଆଣ୍ଟିବ୍ୟାକ୍ଟେରିଆଲ୍ କାମ କରି ଶରୀରର ହାନିକାରକ କୀଟାଣୁ ହଟାଇଥାଏ ।

# ବହୁ ରୋଗର ମହୌଷଧ ଡାଳିମ୍ବ

ଡାଳିମ୍ବ ଜୁସ୍ ଔଷଧୀୟ ଗୁଣ ପାଇଁ ଜଣାଶୁଣା । ଏହା ଆଣ୍ଟିଅକ୍ସିଡାଣ୍ଟ, ଫାଇବର, ଭିଟାମିନ୍, ଖଣିଜ ଓ ଫ୍ଲୋବୋନାଇଡରେ ଭରପୁର । ଡାଳିମ୍ବ ଜୁସ୍ ଅନେକ ରୋଗର ମହୌଷଧି । ଏହା ମଧ ଭିଟାମିନର ଏକ ଉତ୍ତମ ଉତ୍ସ । ଏଥିରେ ବିଶେଷ ଭାବେ ଭିଟାମିନ୍ ଏ, ସି ଓ ଇ ସହିତ ଫୋଲିକ୍ ଏସିଡ୍ ରହିଥାଏ । ଡାଳିମ୍ବ ରକ୍ତଚାପ, ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର କରେ । ପ୍ରତିଦିନ ଡାଳିମ୍ବ ଜୁସ୍ ପିଇବା ଦ୍ୱାରା ହିମୋଗ୍ଲୋବିନ୍ ସ୍ତର ଠିକ୍ ରହିଥାଏ । ଡାଳିମ୍ବ ଜୁସ୍ ନିମ୍ନ ରକ୍ତଚାପ ପାଇଁ ଉପକାରୀ । ଏହା ସିଷ୍ଟୋଲିକ୍ ଓ ଡାଏଷ୍ଟୋଲିକ୍ ଉଭୟ ପ୍ରକାର ରକ୍ତଚାପକୁ କମ୍ କରିପାରେ । ଓଜନ କମାଇବା ପାଇଁ ଡାଏଟରେ ଡାଳିମ୍ବ ଜୁସ୍ ସାମିଲ କରନ୍ତୁ । ଏଥିରେ ଫାଇବରର ମାତ୍ରା ଥିବା ଯୋଗୁଁ ଅଧିକ ସମୟ ପର୍ଯ୍ୟନ୍ତ ଭୋକ ଲାଗି ନ ଥାଏ ।



ଦୈନିକ ଆବଶ୍ୟକ ହେଉଥିବା ୪୦% ରୁ ଅଧିକ ପ୍ରୋଟିନ ଡାଳିମ୍ବରେ ଥାଏ । ଉଚ୍ଚ ରକ୍ତଚାପ ଓ ହୃଦରୋଗରୁ ମୁକ୍ତି ପାଇଁ ଆବଶ୍ୟକ ଭିଟାମିନ୍ ସି ଏଥିରେ ଅଛି । ଡାଳିମ୍ବରେ ଆଣ୍ଟିଇନ୍ଫ୍ଲେମେଟ୍ରି ଯୌଗିକ ଅଛି ଯାହା ସାଧାରଣ ରୋଗ ସଂକ୍ରମଣରୁ ଦୁରେଇ ରଖିଥାଏ ।

# ସ୍ୱର୍ବେଦ

**ସଦ୍‌ଗୁରୁ ଆଭା ଲାଗତେ, ହୋୟ**
**କାକ ସେ ହଁସ ।**
**ଜୀବନ ମରଣ ସୁଧାର କର, ଅମର**
**ଭୟେ ସୋଇ ୱଂଶ ॥୩୧॥**

ଭାଷ୍ୟ- ସଦ୍‌ଗୁରୁଙ୍କର ପ୍ରଭା ନିଜ ଭିତରକୁ ଆସିବା ମାତ୍ରକେ କାଉ ରୂପ ଜୀବ ହଂସ ସମାନ ହୋଇଯାଏ । ଆଉ ସଦ୍‌ଗୁରୁଙ୍କର ଶବ୍ଦକୁ ଧାରଣ କରୁଥିବା ସମନ୍ତାନ ନିଜର ଚେତନସ୍ୱରୂପକୁ ପ୍ରାପ୍ତ ହୋଇ ଜନ୍ମ ମରଣରୁ ମୁକ୍ତ ହୋଇ ଅମରତ୍ୱକୁ ପ୍ରାପ୍ତ ହୋଇଯାଏ ।

**ମଲୟାଗିର କେ ୱାସ ସେ,**
**ହୋୱେ ୱାସ ସୁୱାସ ।**
**ଲୋହା ସେ କଞ୍ଚନ ବନେ,**
**ପାରଶ ପରଶତ ପାସ ॥୩୨॥**


ଭାଷ୍ୟ - ମଳୟ ଗିରିରେ ବାସ କଲେ ସମୀପବର୍ତ୍ତୀ ବୃକ୍ଷମାନଙ୍କରେ ମଧ୍ୟ ସୁଗନ୍ଧ ଆସିଯାଏ ଆଉ ପାରସ ମଣିର ସ୍ପର୍ଶରେ ଲୁହା ସୁବର୍ଣ୍ଣରେ ପରିଣତ ହୋଇଯାଏ ।

**କୀଟ ଭୃଙ୍ଗ କୀ ଶ୍ୱାତି ସେ, ଭୃଙ୍ଗ**
**ରୂପ ବନ ଜାୟ ।**
**ଛୂଟା ପୂର୍ୱ ସ୍ୱଭାୱ ସବ, ଉଡ଼ତ**
**ଭୃଙ୍ଗ ଗତି ପାୟ ॥୩୩॥**

ଭାଷ୍ୟ - କୀଟ ଭୃଙ୍ଗର ସ୍ୱାତୀ ପ୍ରାପ୍ତ କରି ଭୃଙ୍ଗର ସ୍ୱରୂପ ହୋଇଯାଏ ଆଉ ତାହାର ଆଗର ସମସ୍ତ ସ୍ୱଭାବ ତୁଟିଯାଇ ସେ ଭୃଙ୍ଗର ଗତିକୁ ପ୍ରାପ୍ତ ହୋଇ ଭୃଙ୍ଗ ସମାନ ଉଡ଼ିବାରେ ଲାଗେ ।

**ସଦ୍‌ଗୁରୁ ସ୍ୱାତୀ ଭୃଙ୍ଗ କୀ, କର**
**ଲେ ଆପ ସମାନ ।**
**ମୃତକ ଭାୱ ଗୁରୁପଦ ଗହେ, ନର**
**ଭୟ ଦେୱ ମହାନ ॥୩୪॥**

ଭାଷ୍ୟ - ଭୃଙ୍ଗ ସମାନ ହିଁ ସଦ୍‌ଗୁରୁଙ୍କର ସ୍ୱାତୀ ପରମପ୍ରିୟ ଆଜ୍ଞାକାରୀ ଶିଷ୍ୟରେ ଗଣାହୁଏ ଆଉ ନିଜର ସମାନ ଅର୍ଥାତ୍ ସଦ୍‌ଗୁରୁଙ୍କର




ସ୍ୱରୂପକୁ ପ୍ରାପ୍ତ କରିନିଏ । ସଦ୍‌ଗୁରୁ ଉତ୍ତରାଧିକାରୀ ମୃତକଭାବକୁ ପ୍ରାପ୍ତ ହୋଇ ସଦ୍‌ଗୁରୁପଦକୁ ଗ୍ରହଣ କରିଥାଏ ଆଉ ମନୁଷ୍ୟରୁ ମହାନ୍ ଦେବ ସ୍ୱରୂପକୁ ପ୍ରାପ୍ତ ହୋଇଯାଏ । ସଦ୍‌ଗୁରୁ ପଦାଧିକାରୀର ସମସ୍ତ ପୂର୍ବ ସ୍ୱଭାବ ଛାଡ଼ିଯାଏ ଆଉ ସଦ୍‌ଗୁରୁଙ୍କର ଜ୍ଞାନ, ଗୁଣ ଓ କର୍ମ ନିଜ ଭିତରକୁ ପୂର୍ଣ୍ଣ ରୂପରେ ଆସିଯାଏ । ସେଥିପାଇଁ ଏହି ଦୋହାରେ ପୂର୍ବର ସ୍ୱଭାବ ଉତ୍ତରାଧରକାରୀ ଠାରୁ ଛାଡ଼ିବା ଯୋଗୁ ସେମାନଙ୍କୁ ମୃତକ ଭାବ ହୋଇଯିବା ପାଇଁ କୁହାଯାଇଛି ।

**ଶିଷ୍ୟ ହମାରେ ସବ ବଡ଼େ, କର୍ମ**
**ଗୁଣନ କର ଭେଦ ।**
**ଜିୱନ୍ମୁଛ କୋଇ କୋଇ ବନେ,**
**ସକଲ ଭୂମି ପଦ ୱେଦ ॥୩୫॥**

ଭାଷ୍ୟ - ମୋର ସମସ୍ତ ଶିଷ୍ୟ ନିଜର କର୍ମ, ଗୁଣ ଅନୁକୂଳ ଜ୍ଞାନର ଅବସ୍ଥା ବେଦରେ ନିଜର ସ୍ଥାନରେ ଶ୍ରେଷ୍ଠ ଅଟନ୍ତି, ମାତ୍ର ସେ ସମସ୍ତ ଶିଷ୍ୟମାନଙ୍କ ମଧ୍ୟରେ କେହି କେହି ଜୀବନ୍ମୁକ୍ତ ପଦକୁ ପ୍ରାପ୍ତ କରିଥାନ୍ତି ।

**ଶିଷ୍ୟ ସମୂହ ଅପାର ମେଁ, ଏକ**
**ଗୁରୁ କୋଇ ଲାଲ ।**
**ସଦ୍‌ଗୁରୁ ପଦ ଅଧିକାର ହୈଁ,**
**ସୋତ ମହାନଦ ଭାଲ ॥୩୬॥**

ଭାଷ୍ୟ - ଅପାର ଶିଷ୍ୟମାନଙ୍କର ସମୂହରେ ଗୁରୁଙ୍କର କେହି ପ୍ରିୟ ଶିଷ୍ୟ ହୋଇଥାଏ, ଯାହାକୁ ସଦ୍‌ଗୁରୁ ପଦ ଗ୍ରହଣ କରିବାର ଅଧିକାର ରହିଛି ଏବଂ ଯାହାର ଭିତରେ ଅନନ୍ତ ମହାପ୍ରଭୁଙ୍କର ସ୍ରୋତ ପ୍ରକଟ ହୋଇଥାଏ । ଈଶ୍ୱରୀୟ ଜ୍ଞାନଧାରା ଯେତେବେଳେ ସଦ୍‌ଗୁରୁଙ୍କ ଦ୍ୱାରା ଉତ୍ତରାଧିକାରୀ ଠାରେ ପ୍ରକଟ ହୁଏ, ସେତେବେଳେ ସଦ୍‌ଗୁରୁ ପଦ ପ୍ରାପ୍ତ ହୋଇଯାଏ ଆଉ ସେହି ଉତ୍ତରାଧିକାରୀର ମହାନ ମସ୍ତକ ବ୍ରହ୍ମବିଦ୍ୟାର ବିମଳ ପ୍ରକାଶରେ ପ୍ରକାଶମାନ ହୋଇଯାଏ । ସଦ୍‌ଗୁରୁଙ୍କର ଜ୍ଞାନ, ଶକ୍ତି ଆଉ ବଳ ପଦାଧିକାରୀଠାରେ ପୂର୍ଣ୍ଣ ରୂପରେ ପ୍ରକଟ ହୋଇଯାଏ ଆଉ ଚେତନଧାର ପ୍ରକଟ ହୋଇ ନିଜର ସଦ୍‌ଗୁରୁସ୍ୱରୂପକୁ ପ୍ରାପ୍ତ କରାଇଦିଏ । ଶ୍ରୁତଜ୍ଞାନ ପ୍ରବାହୀ ଆତ୍ମା ହିଁ ସଦ୍‌ଗୁରୁପଦକୁ ପ୍ରାପ୍ତ କରିଥାଏ ।

**ଜିୱନ୍ମୁଛ ବହୁ ହୋତ ହେଁ,**
**ସଦ୍‌ଗୁରୁ ଏକ ମହାନ ।**
**ସୋ ଦୁର୍ଲଭ ସଂସାର ମେଁ, ଜ୍ଞାନ**
**ମହା ନିଧିୱାନ ॥୩୭॥**

ଭାଷ୍ୟ - ଜୀବନ୍ମୁକ୍ତ ବହୁତ କମ୍ ହୋଇଥାନ୍ତି, ମାତ୍ର ସେହି ଜୀବନ୍ମୁକ୍ତମାନଙ୍କ ମଧ୍ୟରେ କେହି ଜଣେ ବ୍ରହ୍ମବିଦ୍ୟାରେ ପୂର୍ଣ୍ଣ ଜ୍ଞାନବାନ ହୋଇ ମହାନ୍ ସତ୍‌ପରୁଷ ସଦ୍‌ଗୁରୁ ହୋଇଥାନ୍ତି, ଯାହାର ପ୍ରାପ୍ତି ସଂସାରରେ ଅତ୍ୟନ୍ତ ଦୁର୍ଲଭ ଅଟେ ।

**ସମାଧିସ୍ଥ ଗୁରୁ ଆପ୍ତ ହେଁ, ଅନୁଭୱ**
**ଶବ୍ଦ ୱିୱେକ ।**
**ପରମ ତତ୍ତ୍ୱ ୱିଜ୍ଞାନ ହୈଁ, ଭୱ**
**ତାର ଗୁରୁ ଏକ ॥୩୮॥**

ଭାଷ୍ୟ - ସମାଧିସ୍ଥ ପରମ ତତ୍ତ୍ୱର ନିର୍ଭ୍ରାନ୍ତ ବେତ୍ତା ଏବଂ ପରମଶବ୍ଦର ଅନୁଭବ, ଦର୍ଶନ କରିଥିବା ପରମ ବିବେକୀ ଭାବସାଗର ତାରକ ଜଣେ ସଦ୍‌ଗୁରୁ ହୋଇଥାନ୍ତି ।

**ୱିରହୀ ଆରତ ଦୀନ ହୈଁ,**
**ଅନୁରାଗୀ ଆଧୀନ ।**
**ଆତ୍ମ ସମର୍ପିତ ଦାସ ହୈଁ, ଶୁଭ**
**ଗୁଣ ଭାୱ କୁଲୀନ ॥୩୯॥**

ଭାଷ୍ୟ - ପ୍ରଭୁଙ୍କର ବିୟୋଗୀ, ଆର୍ତ୍ତ, ଦୀନ, ଅନୁରାଗୀ, ସଦ୍‌ଗୁରୁ ଆଜ୍ଞାକାରୀ, ଶୁଭ ଶମ, ଦମ ଆଦି ଗୁଣଯୁକ୍ତ ଉତ୍ତମ କୁଳ ସମ୍ପନ୍ନ ଆତ୍ମସମର୍ପିତ ଭକ୍ତ ହିଁ ବ୍ରହ୍ମବିଦ୍ୟାର ଅଧିକାରୀ ହୋଇଥାନ୍ତି ।

**ଅନନ୍ୟ ଶରଣ ଆସ୍ତିକ୍ୟ ହୈଁ,**
**ସଦ୍‌ଗୁରୁ ଭକ୍ତ ପ୍ରୱୀନ ।**
**ୟୁଚ୍ଛ ୱିୱେକ ୱିରାଗ ହୈଁ, ଜିଜ୍ଞାସୂ**
**ଲୱଲୀନ ॥୪୦॥**

ଭାଷ୍ୟ - ସଦ୍‌ଗୁରୁ ପଦ ସିଦ୍ଧାନ୍ତରେ ନିର୍ଭ୍ରାନ୍ତ ନିଷ୍ଠା ରଖୁଥିବା ବିବେକ, ବୈରାଗ୍ୟ ଆଉ ପୂର୍ଣ୍ଣ ପ୍ରେମଯୁକ୍ତ ଯୋଗ୍ୟ ସଦ୍‌ଗୁରୁ ଭକ୍ତ ବ୍ରହ୍ମବିଦ୍ୟାର ଜିଜ୍ଞାସୁ ହୋଇଥାଏ ।

**ଉତ୍ତମ ଜିଜ୍ଞାସୂ ମିଲୈ, ଦେୟ**
**ବୋଧ ଦରଶାୟ ।**
**ଦେୱ ସଦାଫଲ ୱକ୍ର ଗତି, ତହଁ**
**ଗୁରୁ ଭେଦ ଛିପାୟ ॥୪୧॥**

ଭାଷ୍ୟ - ବ୍ରହ୍ମବିଦ୍ୟାର ଉତ୍ତମ ଜିଜ୍ଞାସୁ ମିଳିବା ପରେ ପୂର୍ଣ୍ଣବୋଧ ତଥା ବ୍ରହ୍ମଙ୍କର ଦର୍ଶନ ହୋଇଥାଏ ଆଉ ଯେଉଁଠାରେ କୁଟିଳତା ପ୍ରାପ୍ତ ହୋଇଥାଏ, ସେଠାରେ ବ୍ରହ୍ମବିଦ୍ୟାର ଗୋପନୀୟ ଅନୁଭବ ତତ୍ତ୍ୱଜ୍ଞାନ ପ୍ରକଟ କରାଯାଏ ନାହିଁ । ସେଥିପାଇଁ ଉତ୍ତମକୋଟିର ଜିଜ୍ଞାସୁ ସୁପାତ୍ରରେ ହିଁ ବ୍ରହ୍ମବିଦ୍ୟାର ଦାନ କରିବା ଉଚିତ ।

**ଚତୁର୍ଥ ମଣ୍ଡଳ, ସମାପ୍ତ**

# ଐକ୍ୟ ଭାବନାର କବି ମିତ୍ରଭାନୁ ଗୌନ୍ତିଆ

**ଯଶୋବନ୍ତ ବିଶ୍ୱାଳ**

କବି ହେଉଛି ସ୍ରଷ୍ଟା, ତାର ସୃଷ୍ଟି କିପରି ବିଦଗ୍ଧ ପାଠକ ପ୍ରାଣରେ, ମନରେ ଓ ତନରେ ଏକ ନୂତନ ଭାବନା ଜାଗ୍ରତ କରି ପାରିବ । ସମାଜରେ କିଛି ମହତ ପ୍ରଭାବ ପକାଇ ପାରିବ ଏପରିକି ଏକତା, ସଂହତି ଓ ସଂସ୍କୃତିର ତୁଙ୍ଗ ଚେତନା ଜାଗ୍ରତ କରିପାରିବ ସେଥି ପାଇଁ କବି ସଦା ସର୍ବଦା ଥାଏ ଜାଗ୍ରତ । ଏପରିକି ତା'ର ସୃଷ୍ଟି ସଂଯତ, ଶୃଙ୍ଖଳିତ ତଥା ସମ୍ଭ୍ରାନ୍ତ ହେବ ସେଥିପାଇଁ ମଧ ସତର୍କତା ଅବଲମ୍ବନ କରିଥାଏ । ସେହିପରି ଏକତା, ସଂହତି ଓ ସମଦର୍ଶନ ଭାବନା ନେଇ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଲୋକଦର୍ପନ କବିତା ସଂକଳନର କବିତାଟିଏ 'ଏକା ଆମର ରକତ' ।

ସାଂପ୍ରତିକ ସମାଜରେ ଦେଖା ଦେଉଥିବା ଜାତି, ଧର୍ମ ଓ ବର୍ଣ୍ଣ ବୈଷମ୍ୟକୁ ପ୍ରଭାବରୁ ଉର୍ଦ୍ଧ୍ୱରେ ରହି ଐକ୍ୟ ଭାବନାକୁ ଉଜ୍ଜୀବିତ କରିବା ପାଇଁ କବି ଗୌନ୍ତିଆଙ୍କ ସଂସ୍କାର ଚେତନାଧର୍ମୀ କବିତାମାନଙ୍କ ମଧରେ ଏକ ମାଇଲ ଖୁଣ୍ଟ ସଦୃଶ । ନିଜ ଜନ୍ମମାଟି ଗାଆଁଠାରୁ ଆରମ୍ଭ କରି ରାଜ୍ୟ ଓଡ଼ିଶା ଦେଶ ଭାରତ ଏପରିକି ସମଗ୍ର ବିଶ୍ୱକୁ ନିଜର ମାଟିମାଆଁ ରୂପେ ଅଭିହିତ କରି ସମସ୍ତ ମଣିଷ ତାର ସନ୍ତାନ ରୂପେ ପରିକଳ୍ପନା କରିଛନ୍ତି । ଆମେ ସମସ୍ତେ ଏକ ମାଆଁର ସନ୍ତାନ, ଆମ ସମସ୍ତଙ୍କ ଧମନୀରେ ଏକାରକ୍ତ ପ୍ରବାହିତ ହେଉଛି । କବିଙ୍କ ଭାଷାରେ -

ଇ ଓଡ଼ିଶା, ଇ ଭାରତ
ସାରା ବିଶ୍ୱ ସାରା ଜଗତ
ଗୁଟେ ମାଆଁର ସଭେ ଭକତ
ଏକା ଆମର ରକତ ।

କେତେ ଉଚ୍ଚକୋଟୀର ଭାବନା, ସମଗ୍ର ବସୁଧାକୁ ନିଜ ମାଆଁ ରୂପେ ପ୍ରତିପାଦନ କରି ସମଗ୍ର ମଣିଷ ତା'ର ସନ୍ତାନ, ସମସ୍ତଙ୍କ ମଧରେ ସ୍ନେହ, ଶ୍ରଦ୍ଧା, ମମତା, ଆଦର ଜାଗ୍ରତ ରହି ଏକତାର ରଜ୍ଜୁରେ ବାନ୍ଧିହେବା ବାଞ୍ଛନୀୟ । ନିଜ ନିଜ ମଧରେ ରାଗ, ହିଂସା, ଦ୍ୱେଷ ପରିହାର କରି ଆତ୍ମୀୟତା ଭାବରେ ବାନ୍ଧିହେଲେ । ଭାତୃତ୍ୱ ସ୍ନେହରେ ଛନ୍ଦିହେଲେ, ମାଡ଼ପିଟ, ହଣାକଟା, ଶତୃତା ଭାବ ଆପେ ଆପେ ଦୂରେଇ ଯିବ । କେହି କାହା ସହିତ ପ୍ରତିଦ୍ୱନ୍ଦୀ ହେବେ ନାହିଁ । ଉପ ନିଷଦୀୟ ବାଣୀ- ମନୁର୍ଭବ ଜନୟା ଦିବ୍ୟ ଜନମ୍ । ମନୁଷ୍ୟତ୍ୱ ପ୍ରସ୍ଫୁଟିତ ହେଲେ ବଚନର ମଧୁରତା ପ୍ରକାଶ ପାଇବ ।

ଏହି ମର୍ମରେ କବି ଲେଖିଛନ୍ତି - ଘନାଘଟା ହନାକଟା, ଗାଲିଝଗର ଚିରୋକଟା,

ହଟେ ହଟ ହଟ,
ୟୁଟ ୟୁଟା ବ୍ରହ୍ମାଣ୍ଡଟା ପଟପଟା ବେଟି ବେଟା
କେହି ନୁହେଁ ପରତିସର ରଖୁଁ ମୁନୁଷ ବକତ ।

ମଣିଷର ବକ୍ତବ୍ୟରେ ମଧୁରତା ପ୍ରକାଶିତ ହେଲେ ଆତ୍ମୀୟତା ସ୍ୱତଃ ଉକୁଟି ଉଠିବ । ସମସ୍ତେ ଏକତା ସୂତ୍ରରେ ବାନ୍ଧି ହେଇଯିବା । ସେତେବେଳେ ସମସ୍ତେ ନିଜର ପ୍ରତିୟମାନ ହେବେ । ଉଚ୍ଚନୀଚ, ଧନୀ ଗରୀବ, କଳା-ଗୋରା, ସ୍ପର୍ଶ ଅସ୍ପୃଶ୍ୟ ଭାବନା ହେବ । ବୈଦିକ ଅନୁଚିନ୍ତା - 'ବସୁଧୈବ କୁଟୁମ୍ବକମ୍' ସର୍ବତ୍ର ଗୁଞ୍ଜରିତ ହେବ । ଅପରପକ୍ଷରେ ଆଣବିକ ଶକ୍ତି ସଂପନ୍ନର ଉଦ୍ଧତ ପଣିଆ, ପ୍ରତିପତ୍ତିର ଆତ୍ମଗର୍ବିତା । ସୈନ୍ୟ ଶକ୍ତିର ପ୍ରାଚୁର୍ଯ୍ୟତା କେବଳ ବିକାଶ ନାଆଁରେ ବିନାଶ ଲୀଳାଛଡ଼ା ଅନ୍ୟ କିଛି ନୁହେଁ । ଶକ୍ତିଛାଡି ଭକ୍ତିକଲେ, ଧନ ଛାଡି ମନ ଦେଲେ, ଗର୍ବଛାଡି ଶାଳୀନତା ଆପଣେଇଲେ ଏକ ମଧୁମୟ ବିଶ୍ୱ ସୃଷ୍ଟି ହୋଇ ପାରିବ । କବି ସୁନ୍ଦର ପଦଟିଏ ଲେଖିଛନ୍ତି-

ଜୁଡେ ନୁହେଁ ଗୁଟେ ଇଟା
କିଏ କଲା ଭାଗ ବଁଟା
ଗୁଟେ ଘର ବିଶ୍ୱଗୁଯା ନାଇଁ ଛଟଛଟା
ଘରେ ଘରେ କନ୍ଦାକଟା, ବମ୍ ନାଇଁ ଫୁଟା
ତୁଇଁ ଯାହା ସିଏ ତାହା
ନାଇଁ ଦେଖା ଶକତ ।

କବି ମିତ୍ରଭାନୁ ଗୌନ୍ତିଆଙ୍କ ଉପରୋକ୍ତ କବିତାରେ ଉଚ୍ଚ ମାନବିକ ମୂଲ୍ୟବୋଧ ଯେପରି ମର୍ମରୀତ, ସାମ୍ୟ ସମଦର୍ଶନ ସେପରି ଗୁଂଜରୀତ, ସର୍ବୋପରି ସ୍ୱର୍ଗୀୟ ଏକ୍ୟ ଭାବନାର ମଧୁ ଝଙ୍କାରରେ ଝଙ୍କୃତ ।

**ଦେଉଳୀ, ପଦ୍ମପୁର, ବରଗଡ଼**

# ଦେହକୁ ହିତ କଦଳୀ



**କ**ଦଳୀକୁ ସର୍ବଗୁଣସମ୍ପନ୍ନ ସ୍ୱାଦିଷ୍ଟ ଫଳ ମଧରେ ଗଣାଯାଏ । ଏହା ଏମିତି ଏକ ଫଳ ଯାହା ସମସ୍ତଙ୍କ ପାଇଁ ଉପକାରୀ । ସବୁ ବୟସର ଲୋକ ତଥା ରୋଗୀମାନଙ୍କ ପାଇଁ ଏହା ଏକ ଉପାଦେୟ ଖାଦ୍ୟ । ଏଥିରେ ଫାଇବର, ରେଜିଷ୍ଟାଣ୍ଟ ଷ୍ଟାଚ, ମ୍ୟାଗନେସିଅମ, କ୍ୟାଲସିଅମ, ପୋଟାସିଅମ, ଫାଇଟୋ, କେମିକାଲ୍ସ ଓ ଭିଟାମିନ୍ ବି-୬ ପ୍ରଭୃତି ଯଥେଷ୍ଟ ପରିମାଣରେ ରହିଥାଏ । ତା' ସହିତ ୭୪ ପ୍ରତିଶତ ପାଣି ଓ ୧୩ ପ୍ରତିଶତ ପ୍ରୋଟିନ୍ ମଧ ଥାଏ ।

ଝାଡ଼ାବାନ୍ତି ହେଉଥିଲେ ପାଚିଲା କଦଳୀ ଖାଆନ୍ତୁ । ନିୟମିତ କଦଳୀ ଖାଇଲେ ହାଡ଼ ଶକ୍ତ ଓ ଦୃଢ଼ ହୁଏ ।

କଦଳୀରେ ଥିବା ପୋଟାସିୟମ ରକ୍ତଚାପ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।

ରୋଗୀମାନଙ୍କ ପାଇଁ ଉତ୍ତମ ଆହାର । ହିମୋଗ୍ଲୋବିନ୍ ମାତ୍ରା ବଢ଼ାଏ ।

ପେଟ ଥଣ୍ଡାକରେ । ଏଥିରେ ଥିବା ଏକ ସ୍ୱତନ୍ତ୍ର ଆମିନୋଏସିଡ୍ ମାନସିକ ଚାପ ହ୍ରାସ କରେ ।

ଯଦି ନାକରୁ ରକ୍ତ ବାହାରୁଥାଏ, ତା'ହେଲେ ଚିନି ଓ କ୍ଷୀର ସହିତ ୭ ଦିନ କଦଳୀ ଖାଆନ୍ତୁ ।

ହୃଦରୋଗୀ ପ୍ରତିଦିନ ମହୁ ସହିତ ଦୁଇଟି କଦଳୀ ଖାଇବା ଉଚିତ । ପ୍ରତିଦିନ ଗୋଟିଏ ଲେଖାଏଁ କଦଳୀ ଖାଇଲେ ଦେହରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ ।

## ଟିକିଏ ହସନ୍ତୁ

ରାଜେଶ ବରୁଣକୁ: କାଲି ତୁ କେତେ ଦୁଃଖୀ ଥିଲୁ । ହେଲେ ଆଜି ଏତେ ଖୁସୀ ଥିବା ପରି ଜଣାପଡୁଛୁ କେମିତି ?

ବରୁଣ: କାଲି ମୋ ସ୍ତ୍ରୀ ୨୦,୦୦୦ ଟଙ୍କାର ଗୋଟେ ଶାଢି କିଣିଥିଲା ।

ରାଜେଶ: ଆଜି କ'ଣ ସେ ଶାଢିକୁ ଭାଉଜ ଫେରେଇ ଦେଲେ ?

ବରୁଣ: ନା, ସିଏ ସେଇ ଶାଢି ପିନ୍ଧି ଆଜି ତୋ' ଘରକୁ ଯାଇଛି ତୋ' ସ୍ତ୍ରୀକୁ ଦେଖେଇବା ପାଇଁ ।

× × × × ×

ପୋଷ୍ଟମ୍ୟାନ ଗୋବିନ୍ଦକୁ: ଆଜ୍ଞା, ଆପଣ ନିଜ ସମ୍ପର୍କୀୟଙ୍କୁ ଆପଣଙ୍କ ସଠିକ୍ ଠିକଣାଟା ଦିଅନ୍ତୁ । ଏ ଯେଉଁ ଠିକଣା ଦେଇଛନ୍ତି ମତେ ଖୋଜିବାକୁ ଭାରି କଷ୍ଟ ହେଲା । ୫ କି.ମି. ବୁଲି ବୁଲି ଶେଷରେ ପାଇଲି ।

ଗୋବିନ୍ଦ: ଏତେ କଷ୍ଟ କାହିଁକି କଲେ ? ପୋଷ୍ଟ କରିଦେଇ ଥାନ୍ତେ ।

× × × × ×

ମନୋଜ: କାଲି ମୁଁ ରକେଟ୍ ଛାଡିଲି ଯେ, ସିଧା ସୂର୍ଯ୍ୟଠି ବାଜିଲା ।

କାଳିଆ: କ'ଣ କହୁଛୁ ତୁ ! ତା'ପରେ କ'ଣ ହେଲା ?

ମନୋଜ: ତା'ପରେ କ'ଣ ହେବ, ମୋ ଉପରେ ହେଲା ନିଧୁମ ମାଡ଼ ।

କାଳିଆ: କିଏ ମାରିଲା ? ମନୋଜ: କିଏ ଆଉ ମାରିବ, ସୂର୍ଯ୍ୟର ମା' ।



× × × ×

ଯୁବକ ଯୁବତୀଙ୍କୁ: ତୁମ ନାଁ କ'ଣ ?

ଯୁବତୀ: ପିନ୍ଧିକି କହିବି ନା ଦେଖେଇକି ?

ଯୁବକ: ମାନେ ?

ଯୁବତୀ: ମାନେ, ମୋ ନାଁ ହେଉଛି 'ପାୟଲ' । ଆଚ୍ଛା.., ତେବେ ତମ ନାଁ କ'ଣ ?

ଯୁବକ: ତମେ ଦେବ, ନା ମୁଁ ଦେବି ?

ଯୁବତୀ: ମାନେ ?

ଯୁବକ: ଅର୍ଥାତ୍ ମୋ ନାଁ ହେଉଛି 'ପପି' ।

× × × × ×

ଝିଅର ବାପା ପୁଅ ବାପାଙ୍କୁ ପୁଅ କ'ଣ କରନ୍ତି ?

ପୁଅ ବାପା: ମୋ ପୁଅ ଏୟାର ଡିଫ୍ୟୁଜନ ଫିଲିଂ ଆଣ୍ଡ ମନିଟରିଂ ସାଇଣ୍ଟିଷ୍ଟ ଅଛି ।

ଝିଅ ବାପା; ବହୁତ ବଢିଆ । ହେଲେ ବାହାଘର ପରେ ଜଣାପଡିଲା ପୁଅ ଗ୍ୟାରେଜ୍‌ରେ ପଙ୍କଚର୍ ଠିକ୍ କରିବା କାମ କରେ ।

× × × × ×

ବସନ୍ତ ଜଣେ ବାବାଙ୍କୁ: ବାବା, ମୋ ଡାହାଣ ହାତର ପାପୁଲି କୁଣ୍ଡେଇ ହେଉଛି ।

ବାବା: ବସ୍, ଲକ୍ଷ୍ମୀ ଆସିବେ ।

ବସନ୍ତ: ବାବା, ଡାହାଣ ପାଦ କୁଣ୍ଡେଇ ହେଉଛି ।

ବାବା: ଯାତ୍ରା ଯୋଗ ଆସୁଛି ।

ବସନ୍ତ: ପେଟ କୁଣ୍ଡେଇ ହେଉଛି ।

ବାବା: ଉତ୍ତମ ଭୋଜନ ପ୍ରାପ୍ତି ହେବ ।

ବସନ୍ତ: ବେକ ବି କୁଣ୍ଡେଇ ହେଉଛି ।

ବାବା: ଦୂରକୁ ଯା'....ତୋର କୁଣ୍ଡିଆ ରୋଗ ହେଇଛି ।

## ପାଲୁଅର ଉପକାରିତା

**ପା**ଲୁଅର ଅନ୍ୟ ନାମ ଆରାରୋଟ । ଏହା ପ୍ରାୟତଃ ଗାଁ ଗହଳିରେ ଆଗକାଳରେ ଚାଷ କରାଯାଉଥିଲା । କିନ୍ତୁ ଆଜିକାଲି ଏହାର ଚାଷ ଆମ ଦେଶରେ ପ୍ରାୟ କଦବା କ୍ୱଚିତ୍ କରାଯାଉଛି । ଦିନ ଥିଲା ଛୋଟ ପିଲାଙ୍କ ଖାଦ୍ୟ ଭାବେ ଏହାକୁ ବ୍ୟବହାର କରାଯାଉଥିଲା । କିନ୍ତୁ ଆଜିକାଲି ଏହାର ବ୍ୟବହାର ଖୁବ୍ କମି ଯାଇଥିଲେ ମଧ ଏହା ସ୍ୱାସ୍ଥ୍ୟ ଲାଗି ଖୁବ୍ ଉପକାରୀ । ଆରାରୋଟ ପାଉଡର ରୁଟି, କେକ୍ ଓ ପାସ୍ତା ଆଦି ତିଆରିରେ ବ୍ୟବହାର କରାଯାଉଛି ।

ହାଲକା ଓ ଅଦ୍ଭୁତ ସ୍ୱାଦ ବ୍ୟତୀତ ପାଲୁଅ ବା ଆରୋରୋଟରେ ପୋଷକ ତତ୍ତ୍ୱ, ଭିଟାମିନ୍ ଓ ଖଣିଜ ସ୍ରୋତ ଉତ୍ତମ ରୂପରେ ରହିଛି । ୧୨୦ ଗ୍ରାମ ଆରାରୋଟରେ ୪୦୬ ଗ୍ରାମ ଭିଟାମିନ୍ ବି-୯, ୨.୬୬ ମିଲିଗ୍ରାମ ଆଇରନ, ୦.୩୧୯ ମିଲିଗ୍ରାମ ଭିଟାମିନ୍ ବି, ୧୧୮ ମିଲିଗ୍ରାମ ଫସଫରସ, ୦.୧୪୫ ମିଲିଗ୍ରାମ କପର, ୦.୧୭୨ ମିଲି ଗ୍ରାମ ଭିଟାମିନ୍ ବି-୧, ୨.୦୩୨ ମିଲିଗ୍ରାମ ଭିଟାମିନ୍ ବି-୩, ୧୬.୦୭



ଗ୍ରାମ କାର୍ବୋହାଇଡ୍ରେଟ୍ ୫୪୫ ମିଲିଗ୍ରାମ ପୋଟାସିୟମ୍, ୫.୦୯ ଗ୍ରାମ ପ୍ରୋଟିନ୍ ମିଳିଥାଏ । ଏହା ପେଟ ସମସ୍ୟାକୁ ଦୂର କରିବା ସହ ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ ।

ପାଲୁଅରେ ତମ୍ବା ଓ ଲୌହର ଉତ୍ତମ ପରିମାଣ ରହିଛି । ଯାହା କି ଲାଲ ରକ୍ତ କୋଷିକା ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଆନେମିଆ ଦୂର କରିବାରେ ପାଲୁଅ ରାମବାଣ ତୁଲ୍ୟ କାମ କରେ । ଏଥି ସହିତ ରକ୍ତ ପରିଷ୍କାର କରିବାରେ ପାଲୁଅ ଉତ୍ତମ ରୂପେ କାମ କରିଥାଏ ।

ଏଥିରେ ଭିଟାମିନ୍ ବି- ଅଧିକ ପରିମାଣରେ ରହିଥାଏ । ମେଟାବଲିଜିମରେ ସୁଧାର ଆଣିବା ଲାଗି ଆରାରୋଟ ଖୁବ୍ ଭଲ । ଗର୍ଭବତୀଙ୍କ ପାଇଁ ପାଲୁଅ ଖୁବ୍ ଲାଭଦାୟକ । ପାଲୁଅରେ ଥିବା ଫଲେଟ ଗର୍ଭସ୍ଥ ଶିଶୁ ପାଇଁ ଖୁବ୍ ଉପକାରୀ । କାରଣ ଏହା ଶିଶୁର ନ୍ୟୁରଲ ଟ୍ୟୁବ ଆଶଙ୍କାକୁ କମ୍ କରିଥାଏ । ଅନ୍ୟଷ୍ଟାର୍ଚ ତୁଳନାରେ ଏହା ସହଜରେ ହଜମ ହୋଇ ଯାଇଥାଏ । ଏଥି ସହିତ ମା'କ୍ଷୀର ବୃଦ୍ଧି କରିବାରେ ସହାୟ ହୋଇଥାଏ ।

ପାଲୁଅରେ ଖୁବ୍ କମ୍ କ୍ୟାଲୋରୀ ରହିଛି, ଏଥିପାଇଁ ଓଜନ କମ କରିଥାଏ । ଏଥି ଲାଗି ଡାଏଟରେ ନିୟମିତ ପାଲୁଅ ସାମିଲ କରନ୍ତୁ । ଆରୋରୋଟରେ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ଓଜନ ବଢ଼ି ନ ଥାଏ । ପାଲୁଅରେ ଉତ୍ତମ ମାତ୍ରାରେ ପୋଟାସିୟମ ରହିଥାଏ ଯେଉଁ କାରଣରୁ ଏହା ହୃଦ୍ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା କରିଥାଏ । ଏଥିପାଇଁ ରକ୍ତ ବାହିକା ଧମନୀରେ ଚାପକୁ କମ କରିବା ସହିତ ହୃଦୟକୁ ଆରାମ ଦେଇଥାଏ । ଯେଉଁଥିପାଇଁ ରକ୍ତଚାପ କମ୍ ହୁଏ । ଏଥି ସହିତ ଏଥିରେ ଥିବା ଆଥେରୋସ୍କେରୋସିସ୍ ଥାଏ ଯାହା ହୃଦଘାତ ଓ ଷ୍ଟ୍ରୋକ୍ ଆଦି କମ୍ କରିବାରେ ସହାୟକ ହୋଇଥାଏ । ଏହା ଷ୍ଟାର୍ଚ ପାଉଡର ଓ ମଶ୍ଚରାଇଜର୍ସ ରୂପରେ ଉପଯୋଗ କରାଯାଇଥାଏ । ଏଥିପାଇଁ କସମେଟିକ୍ସ ପାଉଡର ରୂପରେ ଆରାରୋଟକୁ ବ୍ୟବହାର କରାଯାଇଥାଏ ।

## ବୁଦ୍ଧିମତ୍ତା ବଢ଼ାଏ ବ୍ରେକ୍‌ଫାଷ୍ଟ



ଆମେ ସବୁଦିନ ସକାଳ ଜଳଖିଆ ବା ବ୍ରେକ୍ ଫାଷ୍ଟ ଖାଇବା ନିହାତି ଦରକାର । କାରଣ ଏଥିରେ ଅନେକ ଉପକାରୀ ଗୁଣ ଭରି ରହିଛି । ଯଦି ଜଣେ ବ୍ୟକ୍ତି ନିୟମିତ ଏହାକୁ ଖାଆନ୍ତି ତେବେ ତାହା ବୁଦ୍ଧିମତ୍ତାର ବିକାଶରେ କେତେକାଂଶରେ ସହାୟକ ହୋଇଥାଏ । ବର୍ଲିନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏଭଳି ମତବ୍ୟକ୍ତ କରିଛନ୍ତି । ହେଲେ ବ୍ରେକ୍ଫାଷ୍ଟ ଖାଇବା ବେଳେ କେତେକ ବିଷୟ ପ୍ରତି ଧାନ ଦେବା ନିହାତି ଦରକାର । ସବୁଠାରୁ ବଡ଼ କଥା ହେଲା ଯେତେ ବ୍ୟସ୍ତ ରହିଲେ ମଧ ଏହାକୁ ନିୟମିତ ଖାଆନ୍ତୁ । ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରିବା ଦରକାର । ଏହାର ଖାଦ୍ୟ ତାଲିକାରେ କଦାପି ଗରିଷ୍ଠ ଜାତୀୟ ଖାଦ୍ୟ ସାମିଲ କରନ୍ତୁ ନାହିଁ । ଏଥିରେ ଯେତେ ହାଲୁକା ଖାଦ୍ୟ ସାମିଲ କରିବେ ତାହା ସେତେ ଭଲ ହେବ । ସବୁବେଳେ ବ୍ରେକ୍ଫାଷ୍ଟରେ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହେଉଥିବ । ବ୍ରେକ୍ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ ଓ ସକାରାତ୍ମକ ଭାବନା ସୃଷ୍ଟି କରିବ । ବ୍ରେକ୍ଫାଷ୍ଟରେ ତଟକା ଫଳମୂଳ, ଜୁସ୍ ବ୍ୟତୀତ ବ୍ରେଡ୍, ବିସ୍କୁଟ ବି ଖାଇପାରିବେ ।

## ଆପଣ ଜାଣନ୍ତି କି ?

- ପୃଥିବୀର ସମସ୍ତ ସ୍ଥାନରେ ମାଧ୍ୟାକର୍ଷଣ ଶକ୍ତି ସମାନ ନ ଥାଏ ।
- ମାଡାଗାସ୍କରରେ ଦେଖା ଯାଉଥିବା ଲିଫ୍ କ୍ୟାମେଲିୟନ ହେଉଛି ପୃଥିବୀର ସବୁଠାରୁ କ୍ଷୁଦ୍ରତମ ସରୀସୃପ । ଏହାର ଲମ୍ବ ମାତ୍ର ଗୋଟେ ଇଞ୍ଚ ।
- କୁକୁ ୱାସ୍ପ ନାମକ ଏକ ପ୍ରକାର ବିରୁଡି ପ୍ରଜାତି ରହିଛି ଯାହା କୋଇଲି ଭଳି ଅନ୍ୟ କୀଟଙ୍କ ବସାରେ ଯାଇ ଅଣ୍ଡା ଦେଇଥାଏ । ଏହାର ଶରୀରର ରଙ୍ଗ ଇନ୍ଦ୍ରଧନୁର ରଙ୍ଗ ଭଳି ସପ୍ତରଙ୍ଗ ବିଶିଷ୍ଟ ।
- ମହାକାଶଚାରୀଙ୍କ ଅନୁଯାୟୀ ଚନ୍ଦ୍ର ପୃଷ୍ଠର ଧୂଳି ଅତ୍ୟନ୍ତ ନରମ ଏବଂ ଏହାର ବାସ୍ନା ବାରୁଦ ଭଳି ।
- ପୃଥିବୀର ସବୁଠାରୁ ଉତ୍ତପ୍ତ ସ୍ଥାନ ଲିବ୍ୟାର ଏକ ଅଜିଜିଆ ହୋଇଥିବା ବେଳେ ସବୁଠାରୁ ଶୀତଳତମ ସ୍ଥାନ ହେଉଛି ଆଣ୍ଟାର୍କଟିକା ।
- ୧୨୫୦ ମସିହାରେ ରୋଜର ବେକୋନଙ୍କ ଦ୍ୱାରା ଜବକାଚ ବା ମାଗ୍ନିଫାଇଙ୍ଗ୍ ଗ୍ଲାସର ଉଦ୍ଭାବନ କରାଯାଇଥିଲା ।
- ମିଦାସ ଫ୍ଲାଏ ହେଉଛି ପୃଥିବୀର ସର୍ବବୃହତ୍ ମାଛି ପ୍ରଜାତି । ଏହାର ଲମ୍ବ ୭ ସେଣ୍ଟିମିଟର ଯାଏ ରେକର୍ଡ କରାଯାଇଛି ।
- ପୃଥିବୀର ସବୁଠାରୁ ଉଚ୍ଚତମ ସ୍ଥାନ ମାଉଣ୍ଟ ଏଭରେଷ୍ଟ ହୋଇଥିବା ବେଳେ ସବୁଠାରୁ ଗଭୀରତମ ସ୍ଥାନ ହେଉଛି ମେରିଆନା ଟ୍ରେଞ୍ଚ ।
- ଗୋଟିଏ ଟନ୍ କାଗଜକୁ ରିସାଇକଲ କରାଗଲେ ପ୍ରାୟ ୧୭ ଟି ଗଛ କଟାଯିବାରୁ ରକ୍ଷା କରାଯାଇ ପାରିବ ।
- ଆଭାକାଡୋ ଗଛର ଉଚ୍ଚତା ପ୍ରାୟ ୬୩ ଫୁଟ୍ ଯାଏଁ ବୃଦ୍ଧି ପାଇଥାଏ ।
- ଭେନେଜୁଏଲାର ଏଞ୍ଜେଲ ଫଲ୍ ଦୁନିଆର ସବୁଠାରୁ ଉଚ୍ଚା ଝରଣା ଯାହାର ଉଚ୍ଚତା ୩୨୧୨ ଫୁଟ୍ ।

## ହିତକାରୀ କ୍ୟାପସିକମ୍

**କ୍ୟା**ପ୍‌ସିକମ୍‌କୁ ବିଲାତି ଲଙ୍କା ମଧ କୁହାଯାଏ । କ୍ୟାପ୍‌ସିକମ୍‌କୁ ଉଭୟ ଆମିଷ ଓ ନିରାମିଷରେ ବ୍ୟବହାର କରାଯାଏ । ଲାଲ୍, ସବୁଜ ଓ ହଳଦୀ ଆଦି ବିଭିନ୍ନ ରଙ୍ଗର କ୍ୟାପ୍‌ସିକମ୍ ଚାଷ କରାଯାଉଛି । ପ୍ରତ୍ୟେକ ରଙ୍ଗର କ୍ୟାପ୍‌ସିକମ୍‌ରେ ପ୍ରଚୁର ପରିମାଣରେ ଭିଟାମିନ୍ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । କ୍ୟାପସିକମ୍ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ ।



ଏଥିରେ ଭିଟାମିନ୍ ସି, ଭିଟାମିନ୍ ଏ' ଭିଟାମିନ୍ 'କେ', ଫାଇବର ଓ ବିଟା କ୍ୟାରୋଟିନ୍ ଭରପୁର ମାତ୍ରାରେ ରହିଛି । କ୍ୟାପସିକମରେ କେବଳ ଭିଟାମିନ୍ ନୁହେଁ, ବହୁ ସ୍ୱାସ୍ଥ୍ୟୋପଯୋଗୀ ଗୁଣ ମଧ ରହିଛି । ଆବୁ ପାଇଁ ଫଳପ୍ରଦ: ଯଦି ଆପଣ ଗାଠିଆର ଶିକାର ହୋଇଛନ୍ତି ତେବେ କ୍ୟାପସିକମ୍ ଖାଇବା ଆପଣଙ୍କ ପାଇଁ ଲାଭଦାୟକ । କ୍ୟାନସରରୁ ସୁରକ୍ଷା: କ୍ୟାପସିକମ୍‌ରେ ଆଣ୍ଟିଅକ୍ସିଡାଣ୍ଟ ଭରପୁର ରହିଥାଏ, ଯାହାକି କ୍ୟାନସର ରୋଗ ପାଇଁ ବେଶ୍ ଫଳପ୍ରଦ । ସଲଫର ଓ ଲାଇକୋପିନ୍ ରହିଥିବାରୁ ଏହା କ୍ୟାନସର ଭୟକୁ କମ୍ କରିଥାଏ । ଆଇରନ୍ ଯୋଗାଏ: କ୍ୟାପସିକମ୍‌ରେ ଭିଟାମିନ୍ ସି' ତଥା ଆଇରନ ରହିଛି । ରକ୍ତହୀନତାରୁ ରକ୍ଷା ପାଇବା ପାଇଁ କ୍ୟାପସିକମ୍ ଖାଇବା ଉଚିତ । ଡାଇବେଟିସ୍ କଣ୍ଟ୍ରୋଲ କରେ: କ୍ୟାପସିକମ୍ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିଥାଏ । ଏଣୁ ମଧୁମେହ ରୋଗୀ ଖାଦ୍ୟରେ କ୍ୟାପସିକମ୍ ସାମିଲ କରିବା ଉଚିତ ।

## ଅତ୍ୟଧିକ କଲରା ସେବନ ହାନିକାରକ

**କୁ**ହାଯାଏ କଲରା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ଲାଭକାରୀ । କିନ୍ତୁ ବର୍ତ୍ତମାନ ଜଣାପଡିଛି ଏହା ଆବଶ୍ୟକତାଠୁ ଅଧିକ ସେବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ମଧୁମେହ ରୋଗୀ ଅଧିକ କଲରା ସେବନ କରିବା ଦ୍ୱାରା ପିତ୍ତକୋଷ ଉପରେ କୁପ୍ରଭାବ ପଡିଥାଏ । ଏପରିକି ଗର୍ଭବତୀ ମହିଳା ଯଦି ଆବଶ୍ୟକଠୁ ଅଧିକ କଲରା ସେବନ କରନ୍ତି, ତେବେ ଗର୍ଭସ୍ଥ ଶିଶୁର ଶାରୀରିକ ଅବସ୍ଥା ସଙ୍କଟାପନ୍ନ ହେବାର ସମ୍ଭାବନା ଥାଏ । କାରଣ ଅଧିକ କଲରା ଖାଇଲେ ଯକୃତ ଉପରେ କୁପ୍ରଭାବ ପଡିଥାଏ । ଏଥିରେ ଏନଜାଇମ୍ ବଢ଼ିଯାଇଥାଏ ।



## ଖାଲି ପେଟରେ ପିଅନ୍ତୁ ଜିରାପାଣି

**ଜି**ରାପାଣିରେ ଆଣ୍ଟିଅକ୍ସିଡାଣ୍ଟ ଭିଟାମିନ୍ ଓ ମିନେରାଲ ଅଛି । ଏହା ଖାଦ୍ୟ ହଜମ ପ୍ରକ୍ରିୟାକୁ ଭଲ କରେ । ପାଚନ ତନ୍ତ୍ରକୁ ସୁସ୍ଥ ରଖେ । କୋଷ୍ଠକାଠିନ୍ୟ, ଗ୍ୟାସ୍ ଓ ମର୍ଣ୍ଣିଂ ସିକନେସ୍ ଦୂର କରେ । ଜିରାପାଣିକୁ ଶରୀରକୁ ପ୍ରଚୁର ଆଇରନ ମିଳେ । ସେଥିରେ ଭିଟାମିନ୍ ଏ ଓ ଭିଟାମିନ୍ ସି ବି



ରହିଛି । ପ୍ରତିଦିନ ଜିରାପାଣି ପିଇଲେ ଇମିନ୍ୟୁଟି ସିଷ୍ଟମ୍ ବଢ଼େ, ଓଜନ ନିୟନ୍ତ୍ରଣରେ ରହେ । ମୋଟା ଲୋକ ସବୁଦିନ ଜିରାପାଣି ପିଇଲେ ଭଲ ନିଦ ହୁଏ । ଜିରାପାଣିରେ ଫାଇବର୍ ମିଳେ । ଶରୀରକୁ ହାଇଡ୍ରେଟ୍ ରଖେ । ଗିଲାସେ ପାଣିରେ ଦୁଇ ଚାମଚ ଗୋଟା ଜିରା ପକାଇ ଏକ ପାତ୍ରରେ ୧୦ ମିନିଟ୍ ଫୁଟାନ୍ତୁ । ସେହି ପାଣିକୁ ସବୁଦିନ ଖାଲି ପେଟରେ ପିଅନ୍ତୁ ।

## କହିପାରିବେ କି ?

(୧) କାୟଦେ ଆଜାଦ କାହାକୁ କୁହାଯାଇଥାଏ ?
(୨) କେଉଁ ଭାଷା ଦେବଭାଷା ଅଟେ ?
(୩) ନବୋଦୟ ବିଦ୍ୟାଳୟରେ କେଉଁ ଶ୍ରେଣୀର ଛାତ୍ରମାନେ ନାମ ଲେଖାଇଥାନ୍ତି ?
(୪) ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ଥାପନା ପ୍ରଥମେ କେଉଁଠାରେ ହୋଇଥିଲା ?
(୫) ତ୍ରିପୁରାର ଭାଷା କ'ଣ ?
(୬) ମୁମ୍ବାଇର ଏସଟିଡି କୋଡ ନମ୍ବର କେତେ ?
(୭) ଭାରତରେ ମନିଅର୍ଡର ପ୍ର ଣାଳୀ କେବେ ଆରମ୍ଭ ହୋଇଥିଲା ?
(୮) ଇନ୍ଦିରା ଗାନ୍ଧୀ ଜାତୀୟ ମାନବ ସଂଗ୍ରହାଳୟ କେଉଁଠାରେ ଅବସ୍ଥିତ ?
(୯) 'ଗ୍ରାଣ୍ଡ ଟ୍ରଙ୍କ ରୋଡ଼'ର ନିର୍ମାତା କିଏ ?
(୧୦) ଧଳା ବାଘକୁ ପ୍ରଥମେ କେଉଁଠାରେ ଦେଖିବାକୁ ମିଳିଥିଲା ?

**JUMBLE WORDS**

| | | | |
|---|---|---|---|
| 1) FNELEN | = | 6) LONREL | = |
| 2) EEESDC | = | 7) TRABET | = |
| 3) SEFHR | = | 8) DICEH | = |
| 4) PLAAH | = | 9) SHURC | = |
| 5) PIYML | = | 10) STARHH | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ୨୮ ଫେବୃଆରୀ, ୨. ୧୪ ସେପ୍ଟେମ୍ବର, ୩. ଜାତୀୟ ସୁନାମ ଦିବସ, ୪. ୧.୫ ଲକ୍ଷ, ୫. Computer aided design, ୬. ବାଲ ଗଙ୍ଗାଧର ତିଲକ, ୭. ଆର୍ଯ୍ୟ ସମାଜ, ୮. ନର୍ମଦା, ୯. ସୁଭାଷ ଚନ୍ଦ୍ର ବୋଷ, ୧୦. ଚିତ୍ତରଞ୍ଜନ ଦାସ ।

***Jumble Words*** ର ଉତ୍ତର **:-**

(1) OUNCE (2) GAVEL(3) DONKEY (4) PADDLE (5) JOINT (6) SHAKY (7) BITTER (8) ABRUPT (9) CURVE (10) PHOTO

# ବିଭିନ୍ନ ସ୍ଥାନରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା ପଟ୍ଟା, ରାସନ କାର୍ଡ ବଣ୍ଟନ

ଝାରସୁଗୁଡା: ବିଧାୟକ ଟଙ୍କଧର ତ୍ରିପାଠୀ ଜିଲ୍ଲାର କୋଲାବିରା, ଲଇକେରା, କିର୍ମିରା ବ୍ଲକ ଗସ୍ତ କରି ଜମି ପଟ୍ଟା, ରାସନ କାର୍ଡ ଆଦି ହିତାଧିକାରୀଙ୍କୁ ବଣ୍ଟନ କରିଛନ୍ତି । ପ୍ରଥମେ କୋଲାବିରା ବ୍ଲକ ଗସ୍ତ କରି ବ୍ଲକ କାର୍ଯ୍ୟାଳୟରେ ବିଧାୟକ ଶ୍ରୀ ତ୍ରିପାଠୀ, ଜିଲ୍ଲାପାଳ ଆବୋଲି ସୁନୀଲ ନରଓ୍ୱାଣେ, ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାର, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ବିଡ଼ିଓ ଅଶୋକ କୁମାର ମାଝୀ ଙ୍କ ସମେତ ବହୁ ଜିଲ୍ଲା ଓ ବ୍ଲକ ସ୍ତରୀୟ



ଅଧିକାରୀଙ୍କ ଉପସ୍ଥିତିରେ ବସୁନ୍ଧରା ଯୋଜନାରେ ୨୫ ଜଣ ଭୂମିହୀନ ଗରିବ ପରିବାରଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ । ଏହାପରେ ବିଧାୟକ ଲଇକେରା ବ୍ଲକର ସାହସପୁର ପଞ୍ଚାୟତ ଗସ୍ତ କରି ସେଠାରେ ମଧ ଗରିବ ଭୂମିହୀନ ପରିବାରକୁ ପଟ୍ଟା ବଣ୍ଟନ କରିଥିଲେ । ସେହିପରି ବିଧାୟକ ଶ୍ରୀ ତ୍ରିପାଠୀ କିର୍ମିରା ବ୍ଲକର ସୁଲେହି ଗ୍ରାମ ପଞ୍ଚାୟତ ଗସ୍ତ କରି ହିତାଧିକାରୀଙ୍କୁ ୧୮ ଜଣଙ୍କୁ ଜମି ପଟ୍ଟା, ଅନ୍ତ୍ୟୋଦୟ ଗୃହ, ରାସନ କାର୍ଡ, ଶ୍ରମିକ କାର୍ଡ ଇତ୍ୟାଦି ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ବିଧାୟକ ତ୍ରିପାଠୀଙ୍କ ସହିତ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ବ୍ଲକ ଅଧକ୍ଷା କୃଷ୍ଣପ୍ରିୟା ସାହୁଙ୍କ ସମେତ ବ୍ଲକ ସ୍ତରୀୟ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

ସେହିପରି ଝାରସୁଗୁଡ଼ା ବ୍ଲକର ଏଚ. କଟାପାଲି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରଙ୍କ ଅନ୍ତ୍ୟୋଦୟ ଯୋଜନାରେ ୧୨ ଜଣ ହିତାଧିକାରୀଙ୍କୁ ବିଧାୟକ ଟଙ୍କଧର ତ୍ରିପାଠୀ କାର୍ଯ୍ୟଦେଶ ବଣ୍ଟନ କରିଛନ୍ତି । ଏହା ସହିତ ୧୦ ଜଣଙ୍କୁ ଜବକାର୍ଡ଼ , ୫ ଜଣଙ୍କୁ ମାଟି ପରୀକ୍ଷା କାର୍ଡ, ୫ ଜଣ ବୃଦ୍ଧ ବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିଥିଲେ । ଏହି ଅବସରରେ ବିଧାୟକ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଯୋଜନାର ଲାଭ ଯେମିତି ଜନସାଧାରଣ ପାଇ ପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଡିଓ ଅନିଲ ଆଚାର୍ଯ୍ୟ, ତହସିଲଦାର ସଦାକାର କୁମ୍ଭାର, ଏଚ. କଟାପାଲି ସରପଞ୍ଚ ଦେବାରର୍ଚ୍ଚନ ସେଠ, ଝାରସୁଗୁଡା ବ୍ଲକ ମଣ୍ଡଳ ସଭାପତି ହେମରଞ୍ଜନ ସିଂ, କ୍ରିଷ୍ଣା ମୁରାରି, ମୁରଲୀ ସାହୁ, ପ୍ରଭାତ ପଟେଲ, ରଜନୀ ତିଓ୍ୱାରୀ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ ।

# ଜିଲ୍ଲା ସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ ହୋଇଛି । ସ୍ଥାନୀୟ ବିଟିଏମ୍ ପଡ଼ିଆ ଠାରେ ଜିଲ୍ଲା ପ୍ରଶାସନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ଓର୍ମାସର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବିକାଶ ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ



ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମୂହକୁ ନେଇ ଷ୍ଟଲ ମାଧମରେ ବିଭାଗ ଗୁଡ଼ିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ପ୍ରତିଦିନ ବିଭାଗ ଗୁଡିକ ପକ୍ଷରୁ କଲ୍ୟାଣକାରୀ ଯୋଜନାକୁ ନେଇ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ବିଗତ ଏକ ବର୍ଷ ମଧରେ ସରକାରଙ୍କ ତରଫରୁ ଜନସାଧାରଣଙ୍କ ନିମନ୍ତେ ଗ୍ରହଣ କରାଯାଇଥିବା କଲ୍ୟାଣକାରୀ ଯୋଜନାଗୁଡିକ ଲୋକମାନଙ୍କ ପାଖରେ ପହଂଚାଇବା ସକାଶେ ଏହି ବିକାଶ ମେଳା ମାଧମରେ ସଚେତନତା ସୃଷ୍ଟି କରାଯାଇଥିଲା ।ଏଥି ସହିତ ପ୍ରତିଦିନ ସନ୍ଧ୍ୟାରେ ଜିଲ୍ଲା ତଥା ଜିଲ୍ଲା ବାହାରର ପ୍ରସିଦ୍ଧ ସାଂସ୍କୃତିକ ଦଳ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରାଉତ୍, କୃଷି ଉଦ୍ୟାନ ସହକାରୀ ନିର୍ଦ୍ଦେଶକ ମନୋରଞ୍ଜନ ନନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା , ଓର୍ମାସ ଡେପୁଟି ସିଇଓ ଯୁବରାଜ ସାହୁ, ଓଡ଼ିଶା ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳିକା ପୁଷ୍ପଶ୍ରୀ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ରହି ଅତିଥି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉଦଯାପନୀ ଦିବସରେ ଶ୍ରେଷ୍ଠ ଷ୍ଟଲ ପାଇଁ ଉଦ୍ୟାନକୃଷି,ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ପୁରସ୍କୃତ କରାଯାଇଥିଲା । ସେହିପରି ଶ୍ରେଷ୍ଠ କର୍ମଶାଳା ଆୟୋଜନ ପାଇଁ ଜିଲ୍ଲା ସମାଜ ମଙ୍ଗଳ ବିଭାଗକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଧିରଜ ରୋଶନ ପ୍ରଧାନ ଓ ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆଲିସ ପଟେଲ,ରାଜେଶ ସେଠ, ରୁଦ୍ରନାରାୟଣ ଦାଶ, ମହମ୍ମଦ ସହାନବାଜ, ରୂପସିତା ମିଶ୍ର,ଅମିତ କର, ହିମାଂଶୁ ଦୁବେ, ସୋମାନି ସାହୁ, ସତ୍ୟଜିତ ବିଶ୍ୱାଳ, ଅମରଦୀପ ବାରୁ, ଜୟପ୍ରକାଶ, ଆଲକ ପଟେଲ, ଆକୁଳ ବଦାଦ୍ୟ, ବିଭୁତି ଆଚାର୍ଯ୍ୟ, ସୁଶୋଭନ ନାୟକ, ରଞ୍ଜିତ ପଟେଲ,ଜ୍ୟୋତି ପଟେଲ, ମଞ୍ଜୁ ମିଶ୍ର, ବିନତି ଜେନା, ଅଙ୍କିତାଙ୍କ ସମେତ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଏମ୍‌ସିଏଲ୍ ରାଉରକେଲା ଏନ୍‌ଆଇଟିରେ ଛାତ୍ରୀନିବାସ ନିର୍ମାଣ କରିବ




ରାଉରକେଲା : ମହାନଦୀ କୋଇଲା କମ୍ପାନୀ ୪୩ କୋଟି ଟଙ୍କା ବ୍ୟୟରେ ରାଉରକେଲା ଏନଆଇଟିରେ ଛାତ୍ରୀନିବାସ ନିର୍ମାଣ କରିବ । ଏନେଇ ଏମ୍‌ସିଏଲ୍ ଏବଂ ରାଉରକେଲା ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏନ୍‌ଆଇଟି ମଧରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ଉପସ୍ଥିତିରେ ଏମ୍‌ସିଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଏବଂ ରାଉରକେଲାର ଏନଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ମଧରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ସିଏସ୍‌ଆର୍ ପଦକ୍ଷେପ ଅଧୀନରେ ଏମ୍‌ସିଏଲ ଛାତ୍ରମାନଙ୍କୁ ଉଚ୍ଚଶିକ୍ଷା, ବିଶେଷକରି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ କ୍ଷେତ୍ରରେ ଉତ୍ସାହିତ କରି ଛାତ୍ରାବାସ ପାଇଁ ପାଣ୍ଠି ଯୋଗାଇବ । ଏହା ବ୍ୟତୀତ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ସିସିଟିଭି, ବର୍ଷାଜଳ ଅମଳ ସମେତ ଅତ୍ୟାଧୁନିକ ସୁବିଧା ପ୍ରଦାନ କରିବ । ଏମ୍‌ସିଏଲ ରାଉରକେଲା ଏନ୍‌ଆଇଟିରେ ଶିକ୍ଷାଗତ ଭିତ୍ତିଭୂମିକୁ ସକ୍ରିୟ ଭାବରେ ସହଯୋଗ ଓ ସମର୍ଥନ କରିଆସୁଛି । ଏଥିପାଇଁ ମୋଟ ୯୩.୭୭, କୋଟି ଟଙ୍କା କମ୍ପାନୀର ସିଏସ୍‌ଆର ଅବଦାନ ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି ।

# ଶିଳ୍ପାୟନ ଯୋଗୁଁ ରେଙ୍ଗାଲି ଅଞ୍ଚଳରେ ଚାଷଜମି କମୁଛି

ସମ୍ବଲପୁର : ଦୁଇ ଦଶନ୍ଧି ପୂର୍ବରୁ ରେଙ୍ଗାଲି ବ୍ଲକ ଅଞ୍ଚଳରେ ଶିଳ୍ପାୟନ ଆରମ୍ଭ ହୋଇଥିଲା । ବିକାଶର ସ୍ୱପ୍ନରେ ବିଭୋର ହୋଇପଡିଥିବା ବ୍ଲକବାସୀ କିନ୍ତୁ ପ୍ରଦୂଷଣର କଳା ବାଦଲରେ ଢାଙ୍କି ହୋଇଯାଇଛନ୍ତି । କୃଷିକ୍ଷେତ୍ର ସଂକୁଚିତ ହୋଇଯାଇଛି । କଳକାରଖାନା, ଖଣି ଖାଦାନ ଯୋଗୁଁ ଜଙ୍ଗଲସବୁ ନିଶ୍ଚିହ୍ନ ହୋଇ ପରିବେଶ ସନ୍ତୁଳନ ବିପର୍ଯ୍ୟସ୍ତ ହୋଇ ପଡିଛି । ଯଦିଓ ଶିଳ୍ପାୟନ ପରେ ରେଙ୍ଗାଲି ରାଜସ୍ୱ ଆଦାୟକ୍ଷେତ୍ରରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି, କିନ୍ତୁ ରେଙ୍ଗାଲି ଅଞ୍ଚଳବାସୀଙ୍କୁ ଦେଖାଇଥିବା ନିଯୁକ୍ତି, ମୌଳିକ ବିକାଶର ସ୍ୱପ୍ନ ଏବେ ବି ଅଧୁରା ରହିଛି । ଶିଳ୍ପାୟନ ପୂର୍ବରୁ ଏହି ବ୍ଲକରେ ୧୮,୦୦୦ ହେକ୍ଟର ଚାଷଜମି ଥିଲା । କିନ୍ତୁ ଏବେ ୧୨, ୫୦୦ ହେକ୍ଟର ଜମିରେ ଚାଷ ହେଉଛି । ମାତ୍ର ୨୦ ବର୍ଷରେ ବ୍ଲକ ଅଞ୍ଚଳର ୫୫୦୦ ହେକ୍ଟର ଚାଷଜମି ଲୋପ ପାଇଗଲାଣି । ଶିଳ୍ପାୟନ ପୂର୍ବରୁ ରେଙ୍ଗାଲି ଅଞ୍ଚଳ କୃଷିସମୃଦ୍ଧ ଥିଲା । ୧୮,୦୦୦ ହେକ୍ଟର ଜମିରେ ଧାନଚାଷ ହେଉଥିଲା । ସଂଖ୍ୟାଧିକ ଅଧିବାସୀଙ୍କ ମୁଖ୍ୟ ଜୀବିକା ଥିଲା କୃଷି । ରେଙ୍ଗାଲି, ନିଶାନଭଙ୍ଗା, ତୁରିଟିକ୍ରା, ଲପଙ୍ଗା, ଖିଣ୍ଡା, ଧୁବେନଛାପଲ, ବଂଶୀମାଲ, ଲାଣ୍ଡୁପାଲି, ଚାଲଟିକ୍ରା, ନୂଆଖଣ୍ଡା, ତଲାବିରା, ଦନ୍ତାମୁରା ଆଦି ଅଞ୍ଚଳରୁ ଉତ୍ପାଦିତ ପନିପରିବା ସମ୍ବଲପୁର ଏବଂ ଝାରସୁଗୁଡ଼ା ସହରବାସୀଙ୍କ ପେଟ ଭରୁଥିଲା । ବିଶେଷକରି ଲପଙ୍ଗା ଏବଂ ଖିଣ୍ଡାରେ ଉତ୍ପାଦିତ ଶୀତ ଦିନିଆଁ ପନିପରିବାର ସ୍ୱତନ୍ତ୍ର ଚାହିଦା ଥିଲା । ତେବେ ୯୦ ଦଶକରୁ ରେଙ୍ଗାଲିରେ ଆରମ୍ଭ ହୋଇଥିବା ବିକାଶ ନାଁରେ ଶିଳ୍ପାୟନ ଧାରାରେ ରେଙ୍ଗାଲିର ଚିତ୍ର ଏବଂ ଚରିତ୍ର ସମ୍ପୂର୍ଣ୍ଣ ଓଲଟି ଗଲା । ସରକାରଙ୍କ ଦ୍ରୁତ ଶିଳ୍ପାୟନ ନୀତିରେ ଏ ଅଞ୍ଚଳରେ ଦ୍ରୁତଗତିରେ ଶିଳ୍ପ ପ୍ରତିଷ୍ଠା ହେବା ଦ୍ୱାରା ଚାଷ ଉପେକ୍ଷିତ ହୋଇ ଶିଳ୍ପ ପାଇଁ ଜମି ଅଧିଗ୍ରହଣ କରାଗଲା । ୨୦ ବର୍ଷ ପରେ ବ୍ଲକରେ ୫୫୦୦ ହେକ୍ଟ ଚାଷଜମି ଉଭେଇ ଗଲାଣି । ମାତ୍ର ୧୨,୫୦୦ ହେକ୍ଟର ଚାଷଜମି ଥିବା ବେଳେ ସେଥିରୁ ମାତ୍ର ୮୦୦୦ ହେକ୍ଟର ଜମିରେ ଧାନଚାଷ ହୋଇପାରୁଛି । ବାକିଜମିରେ ପନିପରିବା ଆଦି ଚାଷ ହେଉଛି । ରେଙ୍ଗାଲି ଅଞ୍ଚଳର ଜଙ୍ଗଲଜମି ଅଧିଗ୍ରହଣ କରି କଳକାରଖାନା, ଖଣି ଖାଦାନ ପ୍ରତିଷ୍ଠା ହେଲା । ଏହାର ବଦଳରେ ବ୍ଲକବାସୀଙ୍କୁ ନିଯୁକ୍ତି ଏବଂ ପାରିପାର୍ଶ୍ୱିକ ବିକାଶର ପ୍ରତିଶ୍ରୁତି ଦିଆଗଲା । କିନ୍ତୁ ପରେ ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା କରି ରାଜ୍ୟ ଓ ଜିଲା ବାହାର ଲୋକଙ୍କୁ ଏଠାରେ ନିଯୁକ୍ତି ଦିଆଗଲା ବୋଲି ସ୍ଥାନୀୟ ଲୋକେ ଆଜିପର୍ଯ୍ୟନ୍ତ ଅଭିଯୋଗ କରୁଛନ୍ତି । ଏପଟେ ଚାଷଜମି ଓ ଜଙ୍ଗଲଜମିରେ ବଡ ବଡ କଳକାରଖାନା ପ୍ରତିଷ୍ଠା ହେବାରୁ ବର୍ଷାପାଣି ଗଚ୍ଛିତ ରହିପାରିଲା ନାହିଁ ଏବଂ ଭୂତଳ ଜଳସ୍ତର କମିଲା । ଫଳରେ ବ୍ଲକବାସୀ ଏବେ ପାନୀୟଜଳ ସଙ୍କଟ ସମସ୍ୟା ଭୋଗୁଛନ୍ତି । ହୀରାକୁଦ ଜଳଭଣ୍ଡାର ପାର୍ଶ୍ୱରେ ଥିବା ବ୍ଲକବାସୀ କେବଳ ବିଶାଳ ଜଳଭଣ୍ଡାରକୁ ଦେଖୁଛନ୍ତି, କିନ୍ତୁ ଖରାଦିନେ ତୃଷାର୍ତ୍ତ ରହୁଛନ୍ତି । ଜଳଭଣ୍ଡାରର ପାଣି କଳକାରଖାନାକୁ ସରକାର ସମର୍ପି ଦେଇଛନ୍ତି । ତେଣୁ ଜଳଭଣ୍ଡାର ତଟବର୍ତ୍ତୀ କୁଲା, ସପନେ, ଯୁଗିପାଲି, ବାଉଁସେନ, ବାରିକପାଲି, ପୁଡାପଡ଼ା, ବଂଶୀମାଲ, ଲପଙ୍ଗା, ଦନ୍ତାମୁରା, ଖଣ୍ଡା, ଚାଲଟିକ୍ରା ଗ୍ରାମର ଲୋକେ ପ୍ରତିବର୍ଷ ଡିସେମ୍ବର ମାସରୁ ପାନୀୟଜଳ ସଙ୍କଟରେ ପଡିଥାନ୍ତି ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra